بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:
କମ୍ମୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
# ବଦର
Weekly
କାଦିଆନ
**BADAR**
Qadian
Odia

ସଂଖ୍ୟା: 33
ବାର୍ଷିକ ଦେୟ : ୬୦୦/- ଟଙ୍କା

www.badrqadian.in

29 ମୁହରରମ୍ 1445 ହି.କ, 17 ଜହୁର୍ 1402 ହି.ଶ 17 Aug 2023 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَالَّذِیۡنَ عَمِلُوا السَّیِّاٰتِ ثُمَّ تَابُوۡا مِنۡۢ بَعۡدِہَا وَاٰمَنُوۡۤا ۫ اِنَّ رَبَّکَ مِنۡۢ بَعۡدِہَا لَغَفُوۡرٌ رَّحِیۡمٌ ○

(ଅଲ୍ ଆରାଫ୍-154)

ଅନୁବାଦ : ଏବଂ ଯେଉଁମାନେ କୁକାର୍ଯ୍ୟ କରନ୍ତି, ପୁଣି (ତାହାକୁ ପରିତ୍ୟାଗ କରି) ଅଲ୍ଲାଃତାଲାଙ୍କ ନିକଟକୁ ଫେରି ଆସନ୍ତି ଓ ତାହାଙ୍କ ଉପରେ ବିଶ୍ୱାସ କରନ୍ତି, ଏହାପରେ ନିଶ୍ଚୟ ତୁମର ପାଳନକର୍ତ୍ତା ସେ-ମାନଙ୍କ ପ୍ରତି ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ହେବେ"।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

# ନବୀ ସ.ଅଙ୍କ ବାଣୀ

**ଯେଉଁ ବ୍ୟକ୍ତିଙ୍କ ମିଥ୍ୟା ଶପଥ ବା ରାଣ ମାଧ୍ୟମରେ କୌଣସି ବ୍ୟକ୍ତିର ଧନ ହଡ଼ପ କରିନିଏ ତେବେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଏଭଳି ଅବସ୍ଥାରେ ଭେଟିବ ଯେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ଅଲ୍ଲାଃତାଲା ରୁଷ୍ଟ ହୋଇଯିବେ ।**

(2416-17) ହ. ଅବ୍ଦୁଲ୍ଲାଃ ଇବ୍‌ନେ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ? ଯେଉଁ ବ୍ୟକ୍ତି ରାଣ ଖାଏ ଓ ତହିଁରେ ସେ ମିଥ୍ୟାବାଦୀ ସାବ୍ୟସ୍ତ ହୁଏ ଓ ସେହି ବ୍ୟକ୍ତି ଜଣକ ସେହି ରାଣ ମାଧ୍ୟମରେ କୌଣସି ବ୍ୟକ୍ତିର ଧନ ହାତେଇ ନିଏ (ହଡ଼ପ କରିନିଏ) ତେବେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଏହିଭଳି ଅବସ୍ଥାରେ ଭେଟିବ ଯେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ରୁଷ୍ଟ ହୋଇଯିବେ । ଅବ୍ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ କହିଲେ, ହ. ଅଶ୍‌ଅତ୍ ର.ଅ କହୁଥିଲେ: ମୁଁ ପ୍ରଭୁଙ୍କ ନିୟମ କରି କହୁଛି ଏହି କଥାଟି ତ' ଆପଣ ସ.ଅ ମୋରି ସଂପର୍କରେ କହିଥିଲେ । ଘଟଣାକ୍ରମଟି ଏହିପରି ଥିଲା ଯେ, ମୋର ଓ ଜଣେ ଇହୁଦୀ ବ୍ୟକ୍ତିର ଏକ ଇଜମାଇଲି ସମ୍ପତ୍ତି ଥିଲା । ତେବେ ଉକ୍ତ ବ୍ୟକ୍ତି ଜଣକ ମୋ ସମ୍ପତ୍ତିଗତ ଅଧିକାର ଦେବାକୁ ଅସ୍ୱୀକାର କଲା । ମୁଁ ଏହି ପ୍ରସଙ୍ଗକୁ ଆଁହଜରତ ସ.ଅଙ୍କ ସମ୍ମୁଖରେ ଯେତେବେଳେ ଉପସ୍ଥାପିତ କଲି ସେତେବେଳେ ରସୁଲ୍ କରୀମ୍ ସ.ଅ ମୋତେ ପ୍ରଶ୍ନ କଲେ: ହେ ଅଶ୍‌ଅତ୍ ! କ'ଣ ତୁମ ନିକଟରେ କୌଣସି ସାକ୍ଷ୍ୟ ଅଛି କି ? ମୁଁ କହିଲି: ନା । ହ. ଅଶ୍‌ଅତ୍ ର.ଅ କୁହନ୍ତି, ମୁଁ କହିଲି: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଇହୁଦୀ ବ୍ୟକ୍ତି ଜଣକ ତ' ରାଣ ଖାଇ ନେବ ଓ ସବୁ ଧନକୁ ହାତେଇ ନେବ । କିନ୍ତୁ ମୁଁ ଶୂନ୍ୟ ହସ୍ତ ହୋଇ ରହିଯିବି । ସୁତରାଂ ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ । ଯେଉଁ ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଓ ନିଜର ରାଣ ବଦଳରେ ସ୍ୱଳ୍ପ ପୁଞ୍ଜି ନିଅନ୍ତି ।

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

ଆଁହଜରତ ସ.ଅଙ୍କ ଭବ୍ୟ ଦାବି اِنِّیۡ رَسُوۡلُ اللّٰہِ اِلَیۡکُمۡ جَمِیۡعًا - فَکِیۡدُوۡنِیۡ جَمِیۡعًا - سَیُہۡزَمُ الۡجَمۡعُ وَیُوَلُّوۡنَ الدُّبُرَ
ଏହି ଶବ୍ଦଗୁଡ଼ିକ ତା'ଙ୍କରି ତୁଣ୍ଡରୁ ବାହାରିଲା ଯିଏ ଅଲ୍ଲାଃତାଲାଙ୍କର ଛାୟୀ ତଳେ ଈଶ୍ୱରତ୍ୱ ଚଦରରେ ଘୋଡ଼ାଇ ପଡ଼ି ରହୁଥିଲେ ।

## ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ନିତୀବାଣୀ:-

ଆମମାନଙ୍କର ପ୍ରିୟ ମୁନିବ ତଥା ପ୍ରଭୁଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ କାର୍ଯ୍ୟ କିପରି ଦୃଢ ତଥା ବଳିଷ୍ଠ ? ଯେତେବେଳେ ଆପଣ ସ.ଅ ଏହା କହିଲେ କି, ମୁଁ ଏକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଇହଧାମକୁ ଆସିଛି ଓ ଯେପର୍ଯ୍ୟନ୍ତ ଆପଣ ସ.ଅ ଏହି ନିନାଦ ଶୁଣି ନେଇ ନଥିଲେ ଯେ, اَلۡیَوۡمَ اَکۡمَلۡتُ لَکُمۡ دِیۡنَکُمۡ **(ଅଲ୍ ମାଏଦା:159)** ସେପର୍ଯ୍ୟନ୍ତ ଆପଣ ସ.ଅ ଇହଧାମ ତ୍ୟାଗ କଲେ ନାହିଁ । ଯେପରିକି ଆପଣ ସ.ଅ ଏହି ଦାବି କରିଥିଲେ ଯେ, اِنِّیۡ رَسُوۡلُ اللّٰہِ اِلَیۡکُمۡ جَمِیۡعًا **(ଅଲ୍ ଆରାଫ୍:159)**ଏହି ଦାବି ଅନୁଯାୟୀ ଏହା ଜରୁରୀର ଥିଲା ଯେ, ସଂସାରର ସମସ୍ତ ଛଳ, କପଟ ସର୍ବ ସମ୍ମତି କ୍ରମେ ଆପଣ ସ.ଅଙ୍କ ବିରୁଦ୍ଧରେ କରାଯାଉ । ଆପଣ ସ.ଅ କିଭଳି ସାହାସିକତାର ସହିତ ବିରୋଧୀମାନଙ୍କୁ ସମ୍ବୋଧିତ କରି କହିଲେ: فَکِیۡدُوۡنِیۡ جَمِیۡعًا **(ହୁଦ୍:56)** ଅର୍ଥାତ ତୁମେମାନେ ସମସ୍ତେ ଆମ୍ଭ ବିରୁଦ୍ଧରେ ଯୋଜନା କର, ନିର୍ବାସନ ଓ ବନ୍ଦୀର ଯୋଜନା କର ଏବଂ ଆମ୍ଭକୁ କୌଣସି ଅବ୍ୟାହତି ଦିଅ ନାହିଁ । سَیُہۡزَمُ الۡجَمۡعُ وَیُوَلُّوۡنَ الدُّبُرَ **(ଅଲ୍ କମର୍:46)** କିନ୍ତୁ ଶେଷ ବିଜୟ ମୋର ହିଁ ଅଟେ । ତୁମ୍ଭମାନଙ୍କର ସମସ୍ତ ଯୋଜନା ଧୂଳିସାତ୍ ହୋଇଯିବ । ତୁମମାନଙ୍କର ସମସ୍ତ ଜମାଅତ୍ ବିକ୍ଷିପ୍ତ ହୋଇଯିବେ ତଥା ପଳାୟନ କରିବେ । ଯେପରିକି ସେହି ଭବ୍ୟ ଦାବି اِنِّیۡ رَسُوۡلُ اللّٰہِ اِلَیۡکُمۡ جَمِیۡعًا ର ଦାବି କେହି ଉପସ୍ଥାପିତ କଲେ ନାହିଁ । ସେହିପରି فَکِیۡدُوۡنِیۡ جَمِیۡعًا କହିବା ପାଇଁ ମଧ୍ୟ କେହି ସାହାସ କଲେ ନାହିଁ । ଏହା ମଧ୍ୟ କାହାରି ପାଟିରୁ ବାହାରିଲା ନାହିଁ ଯେ, سَیُہۡزَمُ الۡجَمۡعُ وَیُوَلُّوۡنَ الدُّبُرَ ଈଶ୍ୱରଙ୍କ ଛତ୍ରଛାୟା ତଳେ ଈଶ୍ୱରତ୍ୱର ଚଦର ଘୋଡ଼ାଇ ହୋଇ ପଡ଼ିଥିଲେ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-469, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)**

**ଅଲ୍ଲାଃତାଲା କେବଳ ବିଶିଷ୍ଟ ଜାତି ସମ୍ମାନ ପ୍ରଦାନ କରି ନାହାନ୍ତି ବରଂ ସମଗ୍ର ମାନବ ଜାତିକୁ ସମ୍ମାନ ପ୍ରଦାନ କରିଛନ୍ତି । ତେଣୁ କୌଣସି ଜାତି ଅନ୍ୟ ଜାତି ଉପରେ ଗର୍ବ ଭାବ ପ୍ରଦର୍ଶନ ନକରୁ । ଏପରି କରିବା ଅନୁଚିତ୍ ଅଟେ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 71 وَحَمَلۡنٰہُمۡ فِی الۡبَرِّ وَالۡبَحۡرِ وَرَزَقۡنٰہُمۡ مِّنَ الطَّیِّبٰتِ وَفَضَّلۡنٰہُمۡ عَلٰی کَثِیۡرٍ مِّمَّنۡ خَلَقۡنَا تَفۡضِیۡلًا ର ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ ଏହା କୁହାଯାଇଛି ଯେ, ଅଲ୍ଲାଃତାଲା ଆଦମ୍ ଅ.ସଙ୍କ ସନ୍ତାନମାନଙ୍କୁ (ଅର୍ଥାତ ସମଗ୍ର ମାନବ ଜାତିକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଅଛୁ) ଏବଂ ସେମାନଙ୍କ ପାଇଁ ସ୍ଥଳଭାଗ ଓ ଜଳଭାଗରେ ପରିବହନର ବ୍ୟବସ୍ଥା କରିଅଛୁ ଏବଂ ଯେଉଁ ପ୍ରାଣୀ ଜଗତ ସୃଷ୍ଟି କରିଅଛୁ ସେମାନଙ୍କ

ମଧ୍ୟରେ ଅନେକଙ୍କ ଉପରେ ଆମ୍ଭେ ଏମାନଙ୍କୁ ପ୍ରାଧାନ୍ୟ ଦେଇଅଛୁ । ସୁତରାଂ ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା କୌଣସି ବିଶିଷ୍ଟ ଜାତିକୁ ସମ୍ମାନ ପ୍ରଦାନ କରି ନାହାନ୍ତି । ବରଂ ସମସ୍ତ ମାନବଜାତିକୁ ସମ୍ମାନ ପ୍ରଦାନ କରିଛନ୍ତି । ଅତଏବ କୌଣସି ଜାତି ନିଜକୁ ଗର୍ବ ଅନୁଭବ କରି ଅନ୍ୟ ଜାତିକୁ ନ ଚିଡ଼ାଉ । ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ଇହୁଦୀ ଓ କୁରୈଶ୍‌ମାନଙ୍କୁ ଉପଦେଶ ଦେଇଛନ୍ତି । କାରଣ ସେମାନେ ନିଜକୁ ଅନ୍ୟ ଜାତି ଠାରୁ ଶ୍ରେଷ୍ଠ ଓ ସମ୍ମାନସ୍ୱଦ ବୋଲି ବିବେଚିତ କରୁଥିଲେ । ଅତଃ ଅଲ୍ଲାଃତାଲା ଏହା ସ୍ୱଷ୍ଟ କରିଦେଲେ ଯେ, ସେ ହିଁ ପ୍ରତ୍ୟେକ ଜାତିକୁ ସମ୍ମାନ ପ୍ରଦାନ କରିଛନ୍ତି । କିନ୍ତୁ କେତେକ ଜାତି ସେହି ସମ୍ମାନରୁ ଲାଭାନ୍ୱିତ ହୁଅନ୍ତୁ ନାହିଁ ଏବଂ ପ୍ରଭୁଙ୍କ ଦ୍ୱାରା ଉନ୍ମୁକ୍ତ ହୋଇଥିବା ମାର୍ଗକୁ ନିଜ ପାଇଁ ବନ୍ଦ କରି ନିଅନ୍ତି । وَحَمَلْنٰهُمْ فِي الْبَرِّ وَالْبَحْرِ କହି ଏହି ଆଡ଼କୁ ଇଙ୍ଗିତ କଲେ ଯେ, ସ୍ଥଳପଥ ଓ ଜଳପଥ (ସମୁଦ୍ରପଥ)କୁ ଅଲ୍ଲାଃତାଲା ସମାନ ରୂପେ ମନୁଷ୍ୟମାନଙ୍କର ଉନ୍ନତି ନିମନ୍ତେ ସୃଷ୍ଟି କରିଛନ୍ତି । ତେଣୁ ଯଦି କୌଣସି ଜାତି ସମ୍ମାନ ପ୍ରାପ୍ତ କରିବାକୁ ଚାହୁଁଛି ତେବେ ସମାନ ଭାବରେ ଉଭୟ ପଥ (ଅର୍ଥାତ ସ୍ଥଳପଥ ଓ ଜଳପଥ)ରୁ ଲାଭାନ୍ୱିତ ହେବା ଉଚିତ ।

ଲୋକମାନେ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ହ. ମୁହମ୍ମଦ ସ.ଅଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱକୃତ ଧର୍ମଗ୍ରନ୍ଥ ଅଟେ । ଉକ୍ତ କଥାଟି ଯାହାକି ଏଠାରେ ବର୍ଣ୍ଣିତ ହୋଇଛି ଜଣେ ଆରବ୍ୟ ଅଧିବାସୀର ତୁଣ୍ଡରୁ ବାହାରି ପାରିବ କି ? ବିଶେଷ କରି ସେହି ବ୍ୟକ୍ତି ତୁଣ୍ଡରୁ ଯିଏ କେବେ ବି ଧର୍ମତରୀ (ଡଙ୍ଗା) ଉପରେ ବସି ଯାତ୍ରା କରି ନାହିଁ । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୁସଲମାନମାନେ ବିଗତ କିଛି ଶତାବ୍ଦୀ ହେଲା ଉକ୍ତ ଉପଦେଶାବଳୀକୁ ପାସୋରି ଦେଇଛନ୍ତି । ଫଳତଃ ସେମାନଙ୍କର ଶକ୍ତି ଦୁର୍ବଳ ହୋଇଯାଇଛି । ସୁତରାଂ ସେମାନେ ଯଦି ସାମୁଦ୍ରିକ ଜାହାଜର ଯତ୍ନ ନେଇଥାଆନ୍ତେ ତେବେ ଆଜି ଯେପରି ଇସଲାମ୍ ଧର୍ମ ଦୁର୍ବଳ ଅଛି ସେପରି କେବି ବି ଏହିପରି ଦୁର୍ବଳ ହୋଇ ନଥାଅନ୍ତା ।

فَضَّلْنٰهُمْ عَلٰى كَثِيْرٍ مِّمَّنْ خَلَقْنَا ରୁ କେତେକ ଲୋକେ ଏହା ସାବ୍ୟସ୍ତ କରନ୍ତି ଯେ, ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ଜୀବଶ୍ରେଷ୍ଠ ଅଟେ । କିନ୍ତୁ ସମସ୍ତ ପ୍ରକାରର ଜୀବମାନଙ୍କ ମଧ୍ୟରୁ ଶ୍ରେଷ୍ଠ ନୁହେଁ । କିନ୍ତୁ ଏହି ପ୍ରମାଣଟି ଭୁଲ୍ ଅଟେ । କାରଣ ଏଠାରେ ମାନବ ଜାତିର ଚର୍ଚ୍ଚା ଜମାଅତ୍ ହିସାବରେ ହୋଇଛି ଏବଂ ତହିଁରେ ସନ୍ଦେହର ତ' କୌଣସି ଅବକାଶ ନାହିଁ ଯେ, ସମସ୍ତ ମନୁଷ୍ୟମାନେ ସମସ୍ତ ପ୍ରାଣୀମାନଙ୍କ ଠାରୁ ଶ୍ରେଷ୍ଠ ନାହାନ୍ତି । ମନୁଷ୍ୟ ମଧ୍ୟରୁ କେତେକ ବ୍ୟକ୍ତି ଏତେ ମନ୍ଦ ବ୍ୟକ୍ତି ଅଟନ୍ତି ଯେ, ସେମାନେ ପଶୁ ଠାରୁ ବି ହୀନ ଅଟନ୍ତି । ଆଉ କେତେକ ବ୍ୟକ୍ତି ଏପରି ଅଟନ୍ତି ଯେ, ସେମାନେ ବହୁତ ଭଲ ଲୋକ ଅଟନ୍ତି ଏବଂ ପଶୁ ଠାରୁ ବି ଉତ୍ତମ ଅଟନ୍ତି । କେତେକ ଲୋକ ବହୁତ ଭଲ ଅଛନ୍ତି ତ' ଆଉ କେତେକ ଲୋକ ସାଧାରଣ ଦେବଦୂତମାନଙ୍କ ଠାରୁ ମଧ୍ୟ ବହୁତ ଭଲ ଲୋକ ଅଟନ୍ତି । କେତେକ ବ୍ୟକ୍ତି ସର୍ବୋଚ୍ଚ ପଦରେ ଆସୀନ ଓ ସର୍ବୋଚ୍ଚ ଦେବଦୂତମାନଙ୍କ ଠାରୁ ମଧ୍ୟ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ଅଟନ୍ତି । ସୁତରାଂ ସମସ୍ତ ମନୁଷ୍ୟ ସମସ୍ତ ପ୍ରାଣୀ ଓ ଜୀବମାନଙ୍କ ଠାରୁ ଶ୍ରେଷ୍ଠ ନୁହେଁ । ବରଂ କେତେକ ବ୍ୟକ୍ତି ଅନ୍ୟ ସମସ୍ତ ପ୍ରାଣୀ ଓ ଅନ୍ୟ ଜୀବମାନଙ୍କ ଠାରୁ ଉତ୍ତମ ଅଟନ୍ତି ଏବଂ କେତେକ ମନୁଷ୍ୟ ମନୁଷ୍ୟ ହିସାବରେ ଅନେକ ପ୍ରାଣୀ ଓ ଜୀବମାନଙ୍କ ଅପେକ୍ଷା ଅଧିକ ଉତ୍ତମ ଅଟେ। କାରଣ ସୂର୍ଯ୍ୟ, ଚନ୍ଦ୍ର, ତାରକାପୁଞ୍ଜ, ଅଶ୍ୱ, ବଳଦ, ଓଟ, ଛେଳୀ ଆଦି ଜୀବମାନେ ସମସ୍ତ ଅବଜ୍ଞାକାରୀ ଓ ବିଶ୍ୱାସକାରୀଙ୍କ ନିମନ୍ତେ କାର୍ଯ୍ୟ କରୁଛନ୍ତି । ଏହି ଜୀବମାନେ ସମସ୍ତ ମନୁଷ୍ୟଙ୍କ ସେବା ନିମିତ୍ତ ନିୟୋଜିତ ହୋଇଛନ୍ତି । ସୁତରାଂ ନମୁଷ୍ୟ ପ୍ରତ୍ୟେକ ପ୍ରକାରର ଜୀବ ବା ପ୍ରାଣୀ ବର୍ଗ ଠାରୁ ଭିନ୍ନ ଓ ଜୀବ ଶ୍ରେଷ୍ଠ ଅଟେ । ସୁତରାଂ ମନୁଷ୍ୟ ଏକ ପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ବୁଦ୍ଧି ବିଚାର ସମ୍ପନ୍ନ ହେତୁ ସମସ୍ତ ଜୀବମାନଙ୍କ ଠାରୁ ଶ୍ରେଷ୍ଠ ଜୀବୂ ରୂପେ ବିବେଚିତ ଅଟେ ।

**(ତଫସିର୍ କବିର୍କା, ଗ୍ରନ୍ଥ ଖଣ୍ଡ-4, ପୃ-365, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

## 128 ତମ ଜଲସା ସାଲାନା କାଦିଆନ୍, ତା- 29,30 ଓ 31 ଡିସେମ୍ବର 2023 ମସିହାରେ ଆୟୋଜିତ ହେବ ।

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବ 128 ତମ ଜଲ୍‌ସା ସାଲାନା କାଦିଆନ୍ ପାଇଁ ତା-29, 30, 31 ଡିସେମ୍ବର (ଶୁକ୍ରବାର, ଶନିବାର, ରବିବାର) ତାରିଖ ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନେ ବର୍ତ୍ତମାନ ଠାରୁ ହିଁ ଦୁଆ ସହିତ ଉକ୍ତ କଲ୍ୟାଣମୟ ଜଲ୍‌ସାରେ ଅଂଶ ଗ୍ରହଣ କରିବା ନିମନ୍ତେ ସତ୍‌ଉଦ୍ଦେଶ୍ୟ ରଖି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଐଶ୍ୱରିକ ଜଲ୍‌ସାରୁ ଲାଭବାନ୍ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଉକ୍ତ ଜଲ୍‌ସା ସାଲାନାଟି ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ହେବା ନିମନ୍ତେ, ସେହିପରି ପୁଣ୍ୟାତ୍ମାମାନଙ୍କର ମାର୍ଗଦର୍ଶନର କାରଣ ସାଜିବା ନିମନ୍ତେ ପ୍ରାର୍ଥନା ଜାରି ରଖନ୍ତୁ । **ଯଜାକୁମୁଲ୍ଲାଃହୁ ତାଆଲା ୱ ଅହସନଲ୍ ଯଜା । (ନାଜିର୍ ଇସ୍‌ଲାହ୍ ୱ ଇର୍ଶାଦା ମର୍କଜିଆ କାଦିଆନ୍)**

## ଗତ ଶୁମାରା ନଂ-32ର ଅବଶିଷ୍ଟାଂଶ.. (ପବିତ୍ର କୁରଆନ ସମଗ୍ର ମାନବ ଜାତି ନିମନ୍ତେ ଏକ ପରିପୂର୍ଣ୍ଣ ଗ୍ରନ୍ଥ )

ପ୍ରବର୍ତ୍ତନା ମାଧ୍ୟମରେ ଇସଲାମ୍ ମଧର୍ମର ଏହି ଅନ୍ତିମ ବିଜୟ ହାସଲ କରାଯିବ । ଅହମଦୀ ମୁସଲିମମାନଙ୍କ ବିଶ୍ୱାସ ଅନୁଯାୟୀ ଗତ ଶତାବ୍ଦୀର ଶେଷ ଆଡ଼କୁ ଏହି ଭବିଷ୍ୟତବାଣୀର ପୂର୍ତ୍ତି ପାଇଁ ଏହି ଯୁଗର ଦୃଢ ପ୍ରତିଜ୍ଞ ସଂସ୍କାରକ ହିସାବରେ ମେହଦୀ ଓ ମସିହ୍ ନାମରେ ଭାରତର କାଦିଆନ୍ ସ୍ଥିତ ହ. ମିର୍ଜା ଗୁଲାମ୍ ଅହେମଦଙ୍କୁ ଅଲ୍ଲାଃତାଲା ଉତଥିତ କରିଥିଲେ । ସେ 1889 ମସିହାରେ ଏକ ଆନ୍ଦୋଳନ ର ପ୍ରତିଷ୍ଠା କରିଥିଲେ ଏବଂ ଏହାର ନାମ ରଖୁଥିଲେ ଇସ୍‌ଲାମରେ ଅହେମଦିୟା ଆନ୍ଦୋଳନ' । ଏହି ଆନ୍ଦୋଳନ ଆରମ୍ଭରୁ ହିଁ ଶାନ୍ତିପୂର୍ଣ୍ଣ ପନ୍ଥା, ପ୍ରବର୍ତ୍ତନା ଓ ଯୁକ୍ତି ମାଧ୍ୟମରେ ତଥା ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଲୋକମାନଙ୍କର ସେବା କରି ଇସଲାମ୍‌ର ବାର୍ତ୍ତା ପ୍ରସାରଣ କରିବା କାର୍ଯ୍ୟଗ୍ରହଣ କରିଛି । ଏହି ଆନ୍ଦୋଳନ ଏଯାବତ୍ ପୃଥିବୀର ଶତାଧିକ ଦେଶର ଇସ୍‌ଲାମ୍ ଅନୁରାଗୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳ ହୋଇଛି ଏବଂ ଏ ଦିଗରେ ପ୍ରଚେଷ୍ଟା ଚଳାଇ ରଖିଛି । ଏହି ଓଡ଼ିଆ ଅନୁବାଦ ହେଉଛି ସେହି ମହତ୍ ଦିଗରେ ସଂପ୍ରଦାୟ ଦ୍ୱାରା କରାଇଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଅଲ୍ଲାଃତାଲା ଏହାର ସଫଳତା ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତୁ । ଆମିନ୍ ।

# ଚାହା କପରେ ମାଛି

### ହ. ମିର ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ

**ହ. ମିର ମୁହମ୍ମଦ୍ ଇସ୍‌ମାଇଲ୍ ସାହେବର.ଅଙ୍କ ଏକ ରୋଚୋକପୂର୍ଣ୍ଣ ବିଷୟ ବସ୍ତୁ ଅଲ୍ ଫଜଲ୍ ସେପ୍ଟେମ୍ବର ମାସ 1936 ମସିହାର ଉପସ୍ଥାପିତ କରାଯାଉଛି ଯହିଁରେ ଆପଣ ଆଁହଜରତ ସ.ଅଙ୍କ କେତେକ ଆହାଦିସ୍‌ର ବ୍ରହ୍ମଜ୍ଞାନ ତଥା ତା'ର ଦାର୍ଶନିକତା ଅତ୍ୟନ୍ତ ଭଲ ଭାବରେ ବର୍ଣ୍ଣନା କରଯାଇଛି ।**

ଦିନେ ଏକ ଟି ପାର୍ଟିରେ ସଂଯୋଗ ବଶତଃ ନୂତନ ଫେସନ ଓ ପୁରାତନ ଫେସନ ଭଳି ଦୁଇ ପ୍ରକାରର ଲୋକୋମାନେ ଖାଦ୍ୟାସନ୍ନ ଉପରେ ଏକତ୍ରିତ ହୋଇଗଲେ। ଗୋଟିଏ ପାର୍ଶ୍ୱରେ ଅପ୍ ଟୁ ଡେଟ୍ ଜେଣ୍ଟେଲମ୍ୟାନ ଫୁଙ୍ଗୁଳା ଶରୀର ଓ ଚୁଟି ଆଦି ପରିଷ୍କାର କରି ଲାଭେଣ୍ଡରର ସୁଗନ୍ଧ ବୋଳି ହୋଇ ଅଧା ଇଂରାଜୀ ଓ ଅଧା ଉର୍ଦ୍ଦୁ ଭାଷାରେ କଥାବାର୍ତ୍ତା ହେଉଥିଲେ । ଦ୍ୱିତୀୟ ପଟେ ବିଦ୍ୱାନ୍‌ମାନେ ଲମ୍ବା ଲମ୍ବା ଦାଢୀ ଆଦି ପବିତ୍ର ବସ୍ତ୍ର ଓ ତ୍ରସ୍ତ ପଗଡ଼ି ପିନ୍ଧି ଐନ୍ ଓ କାଫ୍‌ର ଗର୍ଦ୍ଦାନ (କ୍ରମାନୁଯାୟୀ ବାକ୍ୟ ବିନ୍ୟାସ ବା ବ୍ୟାକରଣ) ଆବୃତ୍ତିରେ ବ୍ୟସ୍ତ ଥିଲେ । ଠିକ୍ ସେତିକିବେଳେ ଚାହା ଆସିଲା ଓ ଲୋକମାନେ ମିଳିମିଶି ଚାହା ପିଇବାରେ ନିମଜ୍ଜିତ ହୋଇଗଲେ। ଆମର ଜଣେ ବନ୍ଧୁ ମିଷ୍ଟର ତେହ୍‌କିକୁଦ୍ଦୀନ ସାହେବଙ୍କୁ ମୌଲାନା ମୌଲବୀ କିଶ୍ରୁଦ୍ଦୀନ୍ ସାହେବଙ୍କ ସାଥିରେ ବସିବାର ଅବସର ପ୍ରାପ୍ତ ହେଲା ଏବଂ ଖାଇବା ପିଇବାର କାର୍ଯ୍ୟକ୍ରମ ଆରମ୍ଭ ହେଲା ।କିଛି ସମୟ ମଧ୍ୟରେ ଏପରି ହେଲା ଯେ, ଏକ ମାଛି ଉଡ଼ି ଆସି ମିଷ୍ଟର ତେହ୍‌କିକଙ୍କ ଚାହା କପରେ(ଅବଶିଷ୍ଟାଂଶ...............ପୃ-12 ରେ)

# (ଖୁତ୍‌ବା ଜୁମା)

କାଲି ରାତ୍ରରେ ମୁଁ ଯେତେବେଳେ ବୈକୁଣ୍ଠରେ ପ୍ରବେଶ କଲି ସେତେବେଳେ ଏହା ଅବଲୋକନ କଲି ଯେ, ଜାଫର୍ ର.ଅ ଦେବଦୂତମାନଙ୍କ ସହିତ ଉପରକୁ ଉଡ଼ି ଯାଉଛନ୍ତି । ଅପରପକ୍ଷେ ହମଜା ର.ଅ ସିଂହାସନ ଉପରେ ଆଉଜି ହୋଇ ବସିଛନ୍ତି । (ଅଲ୍ ହଦିସ୍)

---

କେତେକ ସାହାବାମାନଙ୍କ ସଂକ୍ରାନ୍ତରେ ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ସେମାନଙ୍କର କତେକ କଥା ବିସ୍ତୃତ ବିବରଣୀ ଆକାରରେ ପରବର୍ତ୍ତୀ ସମୟରେ ସମ୍ମୁଖକୁ ଆସିଛି........ଅତଏବ୍ ମୁଁ ଏହା ଉଚିତ ବିଚାର କଲି ଯେ, ସାହାବାମାନଙ୍କ ସଂପର୍କିତ ଅତିରିକ୍ତ ଚର୍ଚ୍ଚା ଏବଂ ତାହାର କେତେକାଂଶ ମଧ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଉ ବି । କାରଣ ଏହି ଖୁତ୍‌ବା ମାଧମରେ ମଧ ଲୋକମାନଙ୍କର ଜ୍ଞାନ ଗୋଚର ହେଉ ଓ ଲୋକମାନେ ଅଧିକରୁ ଅଧିକ ଏହି କଥାକୁ ଶୁଣିବାକୁ ସକ୍ଷମ ହୁଅନ୍ତୁ ।

---

ନବୀ ସ.ଅଙ୍କୁ ହ. ହମ୍‌ଜା ର.ଅଙ୍କ ନାମ ବହୁତ ପସନ୍ଦ ଥିଲା ।

---

ବର୍ତ୍ତମାନ ମୁଁ ଦୁଆ ସାରି ନଥିଲି କି ଅସତ୍ୟ ମୋ ଠାରୁ ଦୂରୀଭୂତ ହୋଇଗଲା ଓ ମୋର ହୃଦୟ ବଶ୍ୱାସରେ ପରିପୂର୍ଣ୍ଣ ହୋଇଗଲା । ପୁନଶ୍ଚ ମୁଁ ପ୍ରାତଃ ସମୟରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଓ ନିଜର ସମସ୍ତ ଅବସ୍ଥା ଚକ୍ର ବର୍ଣ୍ଣନା କଲି । ଫଳତଃ ଆଁହଜରତ ସ.ଅ ମୋ ସପକ୍ଷରେ ଦୁଆ (ପ୍ରାର୍ଥନା) କଲେ ଯେ, ଅଲ୍ଲାଃତାଲା ମୋତେ ଅବିଚଳତା ପ୍ରଦାନ କରନ୍ତୁ ।
(ହ. ହମ୍‌ଜା ର.ଅ)

---

ହେ କୁରୈଶ୍ ଗୋଷ୍ଠୀ ! ମୁଁ ଦେଖିଛି ଯେ, ମୁସଲମାନମାନଙ୍କ ସୈନ୍ୟବାହିନୀରେ ଓଟମାନେ ନିଜ ପିଠି ଉପରେ ଲୋକମାନଙ୍କୁ ଉଠାଇ ନାହାନ୍ତି (ଅର୍ଥାତ ବସାଇ ନାହାନ୍ତି) ବରଂ ମୃତ୍ୟୁକୁ ଉଠାଇଛନ୍ତି ଏବଂ ୟସରିବ୍‌ର ଷଣ୍ଢୁଣୀମାନଙ୍କ ଉପରେ ବିନାଶ ଆରୋହିତ ହୋଇଛି । ଜଣେ ଅବିଶ୍ୱାସକାରୀର ସ୍ୱୀକାରୋକ୍ତି ।

---

ଯେତେବେଳେ ମଦ୍ୟ ଅବୈଧ ବୋଲି ଘୋଷଣା ହେଲା ସେତେବେଳେ ସେହି ବ୍ୟକ୍ତି ନିକଟକୁ କେହି ଗଲେ ନାହିଁ । ସାହାବାମାନଙ୍କର ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ପାଳନ କରିବାର ସ୍ତର ଏହା ଥିଲା ଯେ, ସାହାବାମାନେ ମଦ୍ୟ ଅବୈଧ ହେବାର ଘୋଷଣା ଯେମିତି ଶୁଣିଲେ ତତ୍‌କ୍ଷଣାତ୍ ସେମାନେ ମଦ୍ୟର ମାଠିଆ ଭାଙ୍ଗିଦେଲେ ।

---

ଇହୁଦୀମାନେ ଯେତେବେଳେ ଏହା ଦେଖିଲେ ଯେ, ମୁସଲମାନମାନେ ମଦିନାରେ ଅଧିକ ପ୍ରତିପତ୍ତିଶାଳୀ ଓ କ୍ଷମତାଶୀଳୀ ହୋଇ ଉଠିଛନ୍ତି ସେତେବେଳେ ସେମାନଙ୍କର ଢଙ୍ଗଢାଙ୍ଗ ବଦଳିବା ଆରମ୍ଭ ହୋଇଗଲା । ସେମାନେ ମୁସଲମାନମାନଙ୍କର ଏହି ବୃଦ୍ଧି ପାଉଥିବା ଶକ୍ତିକୁ ଦେଖି ତାହାକୁ ପ୍ରତିହତ ତଥା ରୋକିବା ପାଇଁ ମନସ୍ଥ କରିନେଲେ । ସେମାନେ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସକାଶେ ପ୍ରତ୍ୟେକ ପ୍ରକାରର ବୈଧ ଓ ଅବୈଧ ପନ୍ଥା ତଥା ଯୋଜନାଦି କରିବାକୁ ଆରମ୍ଭ କରିଦେଲେ ।

**ଆଁହଜରତ୍ ସ.ଅଙ୍କ ଚଚା, ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହ. ହମଜା ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା।**

ବିଶ୍ୱର ବିଗୁଡ଼ୁଥିବ ପରିସ୍ଥିତିକୁ ଦୃଷ୍ଟିରେ ରଖି ନବ ବର୍ଷର ପ୍ରାରମ୍ଭରେ ଦୁଆ କରିବା ପ୍ରତି ଆହ୍ୱାନ ।

---

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 30 Dec 2022 ମସିହା ଅନୁଯାୟୀ ୩୦ ଫତହ୍ /୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଚର୍ଚ୍ଚାର ପରିସମାପ୍ତି ପରେ ମୁଁ କହିଥିଲି ଯେ, ବର୍ତ୍ତମାନ ବଦ୍‌ରୀ ସାହାବାମାନଙ୍କର ଚର୍ଚ୍ଚା ସମାପ୍ତ ହେଲା । କିନ୍ତୁ କେତେକ ସାହାବା ଯେଉଁମାନଙ୍କର ଚର୍ଚ୍ଚା ହୋଇ ସାରିଥିଲା, ତଥାପି ସେମାନଙ୍କ ସଂପର୍କରେ କେତେକ ଘଟଣାବଳୀ ପରବର୍ତ୍ତୀ ସମୟରେ ସାମ୍ନାକୁ ଆସିଛି । ତେଣୁ କୌଣସି ଏକ ଅବସର ଦେଖି ସେହି ବିଷୟ ସଂପର୍କରେ ଆଲୋଚନା କରିବି ଅବା ଯେତେବେଳେ ସେଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶନ ହେବ ସେତେବେଳେ ତହିଁରେ ଏହି କଥାଗୁଡ଼ିକ ଉଲ୍ଲିଖିତ ହୋଇଯିବ । ତେବେ କେତେକ ଲୋକମାନେ ମୋତେ ପତ୍ର ମାଧମରେ ନିଜର ମତାମତ ଲେଖି ଜଣାଇଛନ୍ତି ଯେ, ଖଲିଫା ରାଶିଦିନ୍‌ମାନଙ୍କର ଇତିହାସ ସଂପର୍କରେ ଶୁଣି ଆମେମାନେ ବହୁତ ଉପକୃତ ଓ ଆନନ୍ଦିତ ହୋଇଛୁ । ଅତଏବ୍ ମୁଁ ଏହା ଉଚିତ ବୋଲି ବିଚାର କଲି ଯେ, ସାହାବାମାନଙ୍କ ସଂପର୍କିତ ଅତିରିକ୍ତ ଚର୍ଚ୍ଚା ଏବଂ ତାହାର କେତେକାଂଶ ମଧ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଉ । କାରଣ ଏହି ଖୁତ୍‌ବା ମଧ ଲୋକମାନଙ୍କର ଜ୍ଞାନ ଗୋଚର ହେଉ ଓ ଲୋକମାନେ ଅଧିକରୁ ଅଧିକ ଏହି କଥାକୁ ଶୁଣିବାକୁ ସକ୍ଷମ ହୁଅନ୍ତୁ ।

ସେ ଯାହା ହେଉ ନା କାହିଁକି ଏହି କ୍ରମରେ ସର୍ବ ପ୍ରଥମ ସାହାବି ହେଉଛନ୍ତି ହ. ହମ୍‌ଜା ର.ଅ । ଆପଣ[ର.ଅ] ଆଁହଜରତ[ସ.ଅ]ଙ୍କର ଚଚା ଥିଲେ ଏବଂ ଆପଣ[ସ.ଅ] ଙ୍କୁ ବହୁତ ଭଲ ପାଉଥିଲେ । ନବୀ କରୀମ୍[ସ.ଅ]ଙ୍କୁ ହମ୍‌ଜା ନାମ ବହୁତ ପସନ୍ଦ ଥିଲା। ଏହାର ପରିପ୍ରକାଶ ଆପଣ ସ.ଅ ବିଭିନ୍ନ କଥା ଓ ହ. ହମ୍‌ଜା[ର.ଅ]ଙ୍କ ଶାହାଦତରୁ ଅନୁମିତ ହୁଏ ଯେ, ସେହି ସମୟରେ ଆଁହଜରତ[ସ.ଅ]ଙ୍କର କ'ଣ ପ୍ରତିକ୍ରିୟା ଥିଲା ? ସମ୍ଭବତଃ କେତେକ ଘଟଣାବଳୀର ଚର୍ଚ୍ଚା ପୁନର୍ବାର ଖୁତ୍‌ବାରେ ଆସିଯାଇପାରେ!

ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ନବୀ କରୀମ୍[ସ.ଅ]ଙ୍କୁ ହ. ହମ୍‌ଜା[ର.ଅ]ଙ୍କର

ନାମ ବହୁତ୍ ପସନ୍ଦ ଥିଲା । ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃର.ଅ ବର୍ଣ୍ଣନା କରନ୍ତି ଯେ, ଆମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲା ତେବେ ସେ ପଚାରିଲେ ଯେ, ହେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଆମେମାନେ ସେହି ନବ ଜନ୍ମିତ ସନ୍ତାନର କ'ଣ ନାମ ରଖିବୁ ? ନବୀ କରୀମ୍ସ.ଅ କହିଲେ, ତାହାର ନାମ ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ନାମାନୁଯାୟୀ ନାମ କରଣ କର। କାରଣ ମୋତେ ଏହି ନାମଟି ସର୍ବାଧିକ ପସନ୍ଦ ଅଟେ ।

**(ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍ ଲିଲ୍ ହାକିମ୍, ଭାଗ-5, ପୃ-1831, କିତାବ୍-ମାଆରିଫତୁସ୍ ସାହାବା, ହଦିସ୍ ସଂଖ୍ୟା-4888, ପ୍ରକାଶନ ସ୍ଥାନ-ମକ୍‌ତବ୍ ନିଜାର ଇଲିୟାଜ୍ ରିୟାଜ୍)**

ହୁଜୁର୍ ଅନ୍‌ଓ୍ୱର୍ଅ.ବ ହ. ହମ୍‌ଜାର.ଅଙ୍କ ପତ୍ନୀମାନଙ୍କ ସଂପର୍କରେ ଏବଂ ସେମାନଙ୍କ ଗର୍ଭରୁ ଜାତ ସନ୍ତାନମାନଙ୍କ ସଂକ୍ରାନ୍ତରେ ତବ୍‌କାତୁଲ୍ କୁବ୍ରାରେ ଉଲ୍ଲିଖିତ ଅଛି ଯେ, ହ. ହମ୍‌ଜାର.ଅ ମିଲ୍ ହିବ୍‌ନ୍ ମାଲିକ୍ ଯେକି ଓ୍ୱସ୍ ସଂପ୍ରଦାୟର ବ୍ୟକ୍ତି ଥିଲେ ତାଙ୍କର କନ୍ୟା ସହିତ ବିବାହ କରିଥିଲେ । ହ. ହମ୍‌ଜାର.ଅଙ୍କ ପତ୍ନୀଙ୍କ ଗର୍ଭରୁ ଦୁଇଟି ସନ୍ତାନ ହ. ହମଜାର.ଅଙ୍କୁ ପ୍ରାପ୍ତ ହୋଇଥିଲା ଯଥା- ୟାଲା ଓ ଆମିର୍ । ନିଜର ସୁପୁତ୍ର ୟାଲାଙ୍କ ନାମାନୁଯାୟୀ ହ. ହମଜାର.ଅଙ୍କ ଗୋତ୍ର ଅବୁ ୟାଲା ଥିଲା। ହ. ହମଜାର.ଅଙ୍କର ଦ୍ୱିତୀୟ ପତ୍ନୀ ହ. ଖୌଲା ବିନ୍‌ତ୍ କୈସ୍ ଅନ୍‌ସାରିୟାଙ୍କ ଗର୍ଭରୁ ହ. ଉମ୍ମାରାହ୍ର.ଅ ଜନ୍ମ ଗ୍ରହଣ କରିଥିଲେ । ଏହି ନାମାନୁଯାୟୀ ହ. ହମ୍‌ଜାର.ଅଙ୍କର ଗୋତ୍ର ଅବୁ ଉମ୍ମାରାହ୍ର.ଅ ଥିଲା । ହ. ହମଜାର.ଅଙ୍କ ପ୍ରଥମ ବିବାହ ହ. ଅସମା ବିନତ୍ ଉମୈସ୍ର.ଅଙ୍କ ଭଉଣୀ ହ. ସଲ୍‌ମା ବିନତ୍ ଉମୈସ୍ର.ଅଙ୍କ ସହିତ ହୋଇଥିଲା। ହ. ସଲମା ବିନତ୍ ଉମୈସ୍ର.ଅଙ୍କ ଗର୍ଭରୁ ହ. ଉମାମାର.ଅ ନାମକ ଜଣେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲେ । ଏ ହେଉଛନ୍ତି ସେହି ଉମାମା ଯାହାଙ୍କ ସଂପର୍କରେ ହ. ଅଲୀର.ଅ, ହ. ଜାଫର୍ ଓ ହ. ଜୈଦ୍ ବିନ୍ ହାରିସାର.ଅ ଙ୍କ ମଧ୍ୟରେ ମତାନ୍ତର ଘଟିଥିଲା। ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ସାହାବି ଏହା ଚାହୁଁଥିଲେ ଯେ, ହ. ଉମାମାର.ଅ ସେମାନଙ୍କ ନିକଟରେ ରୁହନ୍ତୁ । କିନ୍ତୁ ନବୀ କରୀମ୍ସ.ଅ ହ. ଜାଫର୍ ବିନ୍ ଅବି ତାଲିବ୍ର.ଅଙ୍କ ସପକ୍ଷରେ ଏହି ନିର୍ଣ୍ଣୟ ଶୁଣାଇଥିଲେ । କାରଣ ହ. ଉମାମାର.ଅଙ୍କ ଖାଲା (ମାଉସୀ/ମାଇଁ) ହ. ଅସ୍‌ମା ବିନ୍‌ତ୍ ଉମୈସ୍ର.ଅ ହ. ଜାଫର୍ର.ଅଙ୍କ ପତ୍ନୀ ହୋଇ ଥିଲେ । ହ. ହମଜାର.ଅଙ୍କ ସୁପୁତ୍ର ୟାଲାଙ୍କ ସନ୍ତାନମାନଙ୍କ ମଧ୍ୟରେ ଉମ୍ମାରାହ୍, ଫଜଲ୍, ଜୁବୈର୍, ଅକିଲ୍ ଓ ମୁହମ୍ମଦ୍ ଆଦି ସନ୍ତାନ ରହିଥିଲେ । କିନ୍ତୁ ସମସ୍ତଙ୍କର ମୃତ୍ୟୁ ଘଟିଥିଲା ଓ ହ. ହମ୍‌ଜାର.ଅଙ୍କ କୌଣସି ସନ୍ତାନ ଜୀବିତ ରହିଲେ ନାହିଁ ଓ ନା ହିଁ ଆପଣର.ଅଙ୍କ ବଂଶ ପରମ୍ପରା ଆଗକୁ ବଢି ପାରି ଥିଲା।

**(ତବ୍‌କାତୁଲ୍ କୁବ୍ରାରୁ ଆନୀତ, ଭାଗ-2, ପୃ-46, ଦାରୁଲ୍ ଫିକର୍, ବୈରୁତ୍)**

ହ. ହମ୍‌ଜାର.ଅଙ୍କ ସୁପୁତ୍ରୀ ଉମାମାଙ୍କ ସଂପର୍କରେ ହ. ଅଲୀର.ଅ, ହ. ଜାଫର୍ର.ଅ ଓ ହ. ଜୈଦ୍ ବିନ୍ ହାରସାର.ଅଙ୍କ ମଧ୍ୟରେ ଯେଉଁ ମତାନ୍ତର ବା କଳହର ବର୍ତ୍ତମାନ ଚର୍ଚ୍ଚା କରାଗଲା ତାହାର ବିସ୍ତୃତ ବିବରଣୀ ବୁଖାରୀରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ବରାଅ ବିନ୍ ଆଜିବ୍ର.ଅ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ଯେ, ନବୀ କରୀମ୍ସ.ଅ ଜିଲ୍ କାଆଦା ମାସରେ ଉମ୍ରାହ୍ କରିବା ନିମନ୍ତେ ଯେତେବେଳେ ଇଚ୍ଛା ପ୍ରକାଶ କଲେ ସେତେବେଳେ ମକ୍କାବାସୀ ଏହି କଥା ମାନିବାକୁ ଅସ୍ୱୀକାର କରିଦେଲେ ଯେ, ଆଁହଜରତସ.ଅ ମକ୍କାରେ ପ୍ରବେଶ କରନ୍ତୁ । ପରିଶେଷରେ ଆପଣ ସ.ଅ ଏହି ସର୍ତ୍ତମୂଳକ ସନ୍ଧି କଲେ ଯେ, ନବୀ କରୀମ୍ସ.ଅ ଆସନ୍ତା ବର୍ଷ ଉମ୍ରା କରିବା ପାଇଁ ଆସିବେ ଏବଂ ତିନି ଦିନ ପର୍ଯ୍ୟନ୍ତ ମକ୍କାରେ ଅବସ୍ଥାନ କରିବେ। ଯେତେବେଳେ ସନ୍ଧି ପତ୍ର ଉଲ୍ଲିଖିତ କରିବାକୁ ଲାଗିଲେ, ତେବେ ଯେଉଁଭଳି ସନ୍ଧିପତ୍ରରେ ସର୍ତ୍ତଗୁଡ଼ିକ ଉଲ୍ଲେଖ ରହିଥିଲା ସେହି ସର୍ତ୍ତାବଳୀଗୁଡ଼ିକ ଏଭଳି ଥିଲା ଯେ, ମୁହମ୍ମଦସ.ଅ ସେହି ସର୍ତ୍ତାବଳୀକୁ ସ୍ୱୀକାର କରି ସନ୍ଧି କରିଥିଲେ। ମକ୍କାବାସୀ କହିବାକୁ ଲାଗିଲେ ଯେ, ଆମେମାନେ ସେହି ସନ୍ଧିକୁ ମାନୁ ନାହୁଁ । ଆମେମାନେ ଯଦି ଜାଣି ଥାଆନ୍ତୁ ଯେ, ଆପଣସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ତେବେ ଆମେମାନେ ଆପଣସ.ଅଙ୍କୁ କେବି ବି ଅଟକାଇ ନଥାଆନ୍ତୁ । ବରଂ ଏଠାରେ ତୁମେ ହେଉଛ ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ । ଆପଣସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ବି ଅଟେ ଓ ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃଙ୍କର ସୁପୁତ୍ର ମଧ୍ୟ ଅଟେ । ଆପଣସ.ଅ କହିଲେ ହେ ଅଲୀ ! ତୁମେ ସନ୍ଧି ପତ୍ରରୁ ରସୁଲୁଲ୍ଲାଃ ଶବ୍ଦକୁ ଲିଭାଇ ଦିଅ। ହ. ଅଲୀର.ଅ କହିଲେ ମୁଁ କଦାପି ରସୁଲୁଲ୍ଲାଃ ଶବ୍ଦକୁ ଲିଭାଇ ପାରିବି ନାହିଁ । ମୁଁ ଅଲ୍ଲାଃତାଲାଙ୍କର ରାଣ ଖାଇ କହୁଛି ! ମୁଁ ଆପଣସ.ଅଙ୍କ ସମ୍ବୋଧନ ସୂଚକ ଉକ୍ତିକୁ କଦାପି ଲିଭାଇବି ନାହିଁ । ରସୁଲୁଲ୍ଲାଃ ସ.ଅ ଉଲ୍ଲିଖିତ କାଗଜଟିକୁ ନେଲେ ଓ ଆପଣ ସ.ଅ ଭଲ ଭାବରେ ଲେଖିବା ଜାଣି ନଥିଲେ । ଆପଣସ.ଅ ଏହିପରି ଲେଖିଲେ ଯେ, ଏହି ସର୍ତ୍ତାବଳୀଗୁଡ଼ିକ ହେଉଛି ସେହି ସର୍ତ୍ତ ଯେଉ ସର୍ତ୍ତାବଳୀଗୁଡ଼ିକୁ ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃ ଲେଖିଛି । ଆମେମାନେ ମକ୍କା ସହରରେ ଖଡ୍‌ଗ ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର ଆଣିବୁ ନାହିଁ । ସେହି ଖଡ୍‌ଗଗୁଡ଼ିକ ଖୋଳ ମଧ୍ୟରେ ରହିଥିବ ଏବଂ ମକ୍କାବାସୀଙ୍କ ମଧ୍ୟରୁ କାହାରିକୁ ଆମ ସାଙ୍ଗରେ ଘେନି ଯିବୁ ନାହିଁ । ସେମାନେ ଯଦିବି ଆମ ସଙ୍ଗରେ ଯିବା ନିମନ୍ତେ ଇଚ୍ଛା ପ୍ରକାଶ କରନ୍ତି ତଥାପି ଆମେମାନେ ସେମାନଙ୍କୁ ନିଜ ସାଙ୍ଗରେ ଘେନି ଯିବୁ ନାହିଁ । ସେହିପରି ଆମ ନିଜର ସାଥିମାନଙ୍କ ମଧ୍ୟରୁ ଯଦି କେହି ମକ୍କାର ରହିବା ନିମନ୍ତେ ଇଚ୍ଛୁକ ତେବେ ମଧ୍ୟ ଆମେମାନେ ସେମାନଙ୍କୁ ଅଟକାଇବୁ ନାହିଁ। ସେ ଯାହା ହେଉ ନା କାହିଁକି ଯେତେବେଳେ ସନ୍ଧିର ସର୍ତ୍ତାନୁଯାୟୀ ଆପଣସ.ଅ ଆସନ୍ତା ବର୍ଷ ମକ୍କାରେ ପ୍ରବେଶ କଲେ ଓ ଧାର୍ଯ୍ୟ ସମୟ ସୀମା ଯେତେବେଳେ ସମାପ୍ତ ହୋଇଗଲା ସେତେବେଳେ କୁରୈଶମାନେ ହ. ଅଲୀର.ଅଙ୍କ ନିକଟକୁ ଆସିଲେ ଏବଂ କହିବାକୁ ଲାଗିଲେ ଯେ, ହେ ଅଲୀ ! ତୁମେ ନିଜର ସାଥି ଅର୍ଥାତ ମୁହମ୍ମଦ୍ସ.ଅଙ୍କୁ କହିଦିଅ ଯେ, ସେ ବର୍ତ୍ତମାନ ଏଠାରୁ ପ୍ରସ୍ଥାନ କରନ୍ତୁ । କାରଣ ତାଙ୍କର ସମୟସୀମା ସମାପ୍ତ ହୋଇଯାଇଛି । ସୁତରାଂ ନବୀ କରୀମ୍ସ.ଅ ସେଠାରୁ ପ୍ରସ୍ଥାନ କଲେ। ହ. ହମ୍‌ଜାର.ଅଙ୍କ ସୁପୁତ୍ରୀ ଆଁହଜରତସ.ଅଙ୍କ ଚଟାଙ୍କ ସୁପୁତ୍ରୀଙ୍କୁ ନେଇଗଲେ । ସୁତରାଂ ଆଁହଜରତସ.ଅ ସେଠାରୁ ପ୍ରସ୍ଥାନ କଲେ। ହ. ହମ୍‌ଜାର.ଅଙ୍କ ସୁପୁତ୍ରୀ ଯେକି ଆପଣ ସ.ଅ ହେ ଚଚା ! ହେ ଚଚା ! ହ. ଅଲୀର.ଅ ଯାଇ ତା'କୁ ନେଇ ନେଲେ, ତା'ର ହାତ ଧରିଲେ ଓ ଫାତିମାର.ଅଙ୍କୁ କହିଲେ, ହେ ଫାତିମା ! ନିଜ ଚଚାଙ୍କୁ ପୁତ୍ରୀଙ୍କୁ ନେଇନିଅନ୍ତୁ । ସୁତରାଂ ହ. ଫାତିମାର.ଅ ତା'କୁ ଓଟ ଉପରେ ବସାଇ ନେଲେ । ବର୍ତ୍ତମାନ ଅଲୀ, ଜୈଦ୍ ଓ ଜାଫର୍, ହମ୍‌ଜାର.ଅଙ୍କ ସୁପୁତ୍ରୀଙ୍କ ସଂପର୍କରେ କଳହ କରିବାକୁ ଲାଗିଲେ । ହ. ଅଲୀର.ଅ କହିବାକୁ ଲାଗିଲେ ଯେ, ମୁଁ ତା'କୁ ନେଇ ନେଇଛି ଓ ସେ ମୋର ଚଚାଙ୍କ ସୁପୁତ୍ରୀ ଅଟେ ଏବଂ ଜାଫର୍ ର.ଅ କହିବାକୁ ଲାଗିଲେ, ମୋର ବି ଚଚାଙ୍କ କନ୍ୟା ଅଛି ଏବଂ ତା'ର ଖାଲା (ମାଇଁ) ମୋର ପତ୍ନୀ ଅଟନ୍ତି । ଅପର ପକ୍ଷେ ହ. ଜୈଦ୍ର.ଅକହିବାକୁ ଲାଗିଲେ ଯେ, ମୋ ଭାଇଙ୍କର ମଧ୍ୟ କନ୍ୟା ଅଛି । ପୁନଶ୍ଚ ନବୀ କରୀମ୍ସ.ଅ ତା' ସଂପର୍କରେ ଏହି ନିର୍ଣ୍ଣୟ ଶୁଣାଇଲେ ଯେ, ସେ (ହ. ହମ୍‌ଜର.ଅଙ୍କ କନ୍ୟା) ତା' ଖାଲା (ମାଇଁ)ଙ୍କ ପାଖରେ ହିଁ ରହୁ ଏବଂ ଆପଣସ.ଅ କହିଲେ, ଖାଲା ହେଉଛି ମା ସମାନ ଏବଂ ହ. ଅଲୀର.ଅଙ୍କୁ ଆପଣସ.ଅ କହିଲେ ହେ ଅଲୀ ! ତୁମେ ମୋର ଓ ମୁଁ ତୁମର । ଆଁହଜରତସ.ଅ ହ. ଜାଫର୍ ର.ଅଙ୍କୁ କହିଲେ, ହେ ଜାଫର ! ତୁମେ ରୂପ ଓ ଗୁଣରେ ମୋ ସହିତ ସାମଞ୍ଜସ୍ୟତା ରଖୁଛ ଏବଂ ହ. ଜୈଦ୍ର.ଅଙ୍କୁ କହିଲେ, ହେ ଜୈଦ୍ ! ତୁମେ ମୋର ଭାଇ ଅଟ ଏବଂ ମୋର ବନ୍ଧୁ ମଧ୍ୟ ଅଟ । ହ. ଅଲୀର.ଅ କହିଲେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଆପଣସ.ଅ ହ. ହମଜାର.ଅଙ୍କ କନ୍ୟାକୁ ବିବାହ କରି ନେଉ ନାହାନ୍ତି । ଆପଣସ.ଅ କହିଲେ, ହେ ଅଲୀ ! ସେ ମୋ ମାଙ୍କ ପୁତ୍ର ଓ ମୋର ଭାଇଙ୍କର କନ୍ୟା (ଝିଅ) ଅଟେ । ସେହି ହିସାବରେ ମୁଁ ତା'ର ଚଚା ଅଟେ ।

**(ସହି ବୁଖାରୀରୁ ଆନୀତ, କିତାବୁଲ୍ ମୁଗାଜି, ବାବୁ ଉମ୍ରତୁଲ୍ କଜା, ହଦିସ୍ ନଂ-4251)**

ହୁଜୁର୍ ଅ୍‌ନଓ୍ୱ୍ଅ.ବ କହିଲେ ଏହି ଛୋଟ ଛୋଟ ସମସ୍ୟା ମଧ୍ୟ ଉପରୋକ୍ତ ଘଟଣାବଳୀରୁ ସମାଧାନ ହୋଇଯାଇଥାଏ । ବେଳେବେଳେ ଦାରୁଲ୍ କଜାକୁ ଅନେକ ମକଦମା ଆସିଥାଏ ଯେ, କନ୍ୟା ଖାଲା ନିକଟକୁ କାହିଁକି ଯିବ ? ତା' ଆଈ ନିକଟରେ କାହିଁକି ନରହିବ ? ଅତଏବ ସେହି ଦୃଷ୍ଟିରୁ ଏଠାରେ ଉପରୋକ୍ତ ସମସ୍ୟାର ସମାଧାନ ହୋଇଯାଇଛି ଯେ, ମାତା ପିତା'ର ମୃତ୍ୟୁ ପରେ ମୃତକ


**ଅଲ୍ଲାଃତାଲାଙ୍କ ବାଣୀ**

"ଓ୍ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଅଭିଭାବକଙ୍କର ସନ୍ତାନମାନଙ୍କର ଲାଳନ ପାଳନର ଦାୟିତ୍ୱ ତା'ର ଖାଲା (ମାଇଁ) ବହନ କରିପାରିବେ ।

ହ. ହମ୍‌ଜା[ର.ଅ]ଙ୍କ ଇସଲାମ୍ ଧର୍ମ ଗ୍ରହଣ କରିବା ସଂକ୍ରାନ୍ତରେ **"ରୌଜତୁଲ୍ ଉନୁଫ୍"**ରେ ଉଲ୍ଲେଖ ରହିଛି ଯେ, ଇବ୍‌ନେ ଇସହାକ୍‌ଙ୍କ ବ୍ୟତୀତ କେତେକ ସାହାବାମାନେ ହ. ହମ୍‌ଜା ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସଂକ୍ରାନ୍ତରେ ଏକ ଅତିରିକ୍ତ କଥାର ଚର୍ଚ୍ଚା କରିଛନ୍ତି । ହ. ହମ୍‌ଜା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ କ୍ରୋଧାନ୍ୱିତ ଅବସ୍ଥାରେ ଏହା କହି ଦେଲି ଯେ, ହଁ ! ମୁଁ ମୁହମ୍ମଦ[ସ.ଅ] ଙ୍କ ଧର୍ମରେ ଦୀକ୍ଷିତ ହୋଇଛି । କିନ୍ତୁ ଅପରମୁହୂର୍ତ୍ତରେ ଆପଣ[ର.ଅ] ଏଥିପାଇଁ ଅନୁତପ୍ତ ମଧ୍ୟ ହେଲେ ଏବଂ କହିଲେ, ମୁଁ ନିଜ ପିତୃପୁରୁଷଙ୍କ ଦ୍ୱାରା ସ୍ୱୀକୃତ ଧର୍ମକୁ ବିଦାୟ ଜଣାଇ ଦେଇଛି ତଥା ଏହି ଭବ୍ୟ ପ୍ରସଙ୍ଗ ସଂକ୍ରାନ୍ତରେ ମୋ ମନରେ ସନ୍ଦେହ ଉତ୍ପନ୍ନ ହେଲା । ଫଳତଃ ମୁଁ ଅହୋରାତ୍ର ଶୟନ କରିପାରିଲି ନାହିଁ । ପୁନଶ୍ଚ ଏହାପରେ ମୁଁ ଖାନା କାବା ନିକଟକୁ ଆସିଲି ଏବଂ ଅଲ୍ଲାଃତାଲାଙ୍କ ସମ୍ମୁଖରେ କାକୁତି ମିନତି ହୋଇ କହିଲି, ହେ ଅଲ୍ଲାଃ ! ସତ୍ୟ ନିମନ୍ତେ ମୋର ହୃଦୟକୁ ପ୍ରଶସ୍ତ ତଥା ଉନ୍ମୁକ୍ତ କରିଦିଅ ଓ ମୋ ମନରେ ଥିବା ସମସ୍ତ ଶଙ୍କା ଏବଂ ଭ୍ରମ ଧାରଣାକୁ ଦୂରୀଭୂତ କରିଦିଅ ।

ବର୍ତ୍ତମାନ ମୁଁ ଦୁଆ ସାରି ନଥିଲି ଯେ, ମୋ ଠାରୁ ଅସତ୍ୟ ଦୂରୀଭୂତ ହୋଇଗଲା। ପୁନଶ୍ଚ ମୁଁ ପ୍ରାତଃ ସମୟରେ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲି ଏବଂ ନିଜର ସମସ୍ତ ବିଶ୍ୱାସିକ ଅବସ୍ଥା ବର୍ଣ୍ଣନା କଲି । ପ୍ରତ୍ୟୁତ୍ତରରେ ହୁଜୁର[ସ.ଅ] ମୋ ସପକ୍ଷରେ ଅବିଚଳତା ରହିବା ନିମନ୍ତେ ଦୁଆ କଲେ । **(ରୌଜତୁଲ୍ ଉନୁଫି, ଭାଗ-2, ପୃ-44-45, ପ୍ରକାଶନ ସ୍ଥାନ- ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଅମ୍ମାର୍ ବିନ୍ ଅବୁ ଅମ୍ମାର୍[ର.ଅ] ବର୍ଣ୍ଣନା କରନ୍ତି ଯେ, ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲିବ୍[ର.ଅ] ହୁଜୁର[ସ.ଅ]ଙ୍କୁ ପଚାରିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ[ସ.ଅ] ମୋତେ ହ. ଜିବ୍ରାଇଲ୍[ଅ.ସ]ଙ୍କୁ ତାଙ୍କର ପୂର୍ଣ୍ଣ ବାସ୍ତବ ରୂପରେ କ୍ଷଣକ ପାଇଁ ମୋତେ ଦର୍ଶନ କରାଇ ଦିଅନ୍ତୁ । ପ୍ରତ୍ୟୁତ୍ତରରେ ହୁଜୁର[ସ.ଅ] କହିଲେ, ତୁମେ ତାହାଙ୍କୁ ଦେଖିବା ପାଇଁ ସାମର୍ଥ୍ୟ ରଖୁ ନାହଁ । ହ. ହମ୍‌ଜା[ର.ଅ] କହିଲେ, ମୁଁ କାହିଁକି ଦେଖି ପାରିବି ନାହିଁ ? ସେଥିଅନ୍ତେ ତାଙ୍କର ବାରମ୍ବାର ଜିଦ୍ କରିବା ଯୋଗୁଁ ଆଁହଜରତ[ସ.ଅ] କହିଲେ, ଆପଣ ନିଜ ସ୍ଥାନରେ ବସି ଯାଆନ୍ତୁ । ବର୍ଣ୍ଣନାକାରୀ କୁହନ୍ତି ଯେ, ହ. ଜିବ୍ରାଇଲ୍[ଅ.ସ] ଖାନା କାଆବାର ସେହି କାଠ ଉପରେ ଅବତୀର୍ଣ୍ଣ ହେଲେ ଯାହା ଉପରେ ଅବିଶ୍ୱାସକାରୀମାନେ ଏକ କପଡ଼ା ପକାଇ ଖାନା କାଆବାର ପରିକ୍ରମା କରୁଥିଲେ । ଆପଣ[ସ.ଅ] ପୁନଶ୍ଚ କହିଲେ, ହେ ହମ୍‌ଜା! ନିଜର ମୁଖମଣ୍ଡଳ ଉପରକୁ ଉଠାଇ ଚାହଁ ! ସୁତରାଂ ଆପଣ[ର.ଅ] ଯେତେବେଳେ ନିଜର ମୁଖମଣ୍ଡଳ ଉପରକୁ ଉଠାଇ ଚାହିଁଲେ ସେତେବେଳେ ଆପଣ[ର.ଅ] ଏହା ଅବଲୋକନ କଲେ ହ. ଜିବ୍ରାଇଲ୍[ଅ.ସ]ଙ୍କ ଦୁଇ ପାଦ ଏକ ମୂଲ୍ୟବାନ ସବୁଜ ରଙ୍ଗର ଜବରଜଦ୍ ପଥର ପରି ଦୃଶ୍ୟମାନ ହେଉଛି । ତା' ପରେ ହ. ହମ୍‌ଜା[ର.ଅ] ଅଚେତ ହୋଇ ତଳେ ପଡ଼ିଗଲେ । ଜବରଜଦ୍ ପଥର ଏକ ବହୁମୂଲ୍ୟବାନ ଦୁର୍ଲଭ ପଥର ଅଟେ । ଏହା ଜମୁର୍ରଦ୍ ପଥର ସହିତ ସାମଞ୍ଜସ୍ୟ ରଖିଥାଏ ।

**(ଅତ୍‌ତବକାତୁଲ୍ କୁବ୍ରା, ଭାଗ-3, ପୃ-8, ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହିଜ୍‌ରୀ କ୍ୟାଲେଣ୍ଡର ବର୍ଷର ସଫର୍ ମାସ ୨ ତାରିଖ ଦିନ ଯେତେବେଳେ ଆଁହଜରତ[ସ.ଅ] ଅବ୍‌ୱା ଅଭିମୁଖେ ଯୁଦ୍ଧ କରିବା ନିମନ୍ତେ ବାହାରିଲେ ଏବଂ ଆପଣ[ସ.ଅ]ଙ୍କ ସହିତ ପ୍ରବାସକାରୀଙ୍କ ଏକ ଗୋଷ୍ଠୀ ସହିତ ବାହାରିଲେ । ଉକ୍ତ ଯୁଦ୍ଧରେ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ହମ୍‌ଜା[ର.ଅ]ଙ୍କ ହସ୍ତରେ ଥିଲା ଏବଂ ଧ୍ୱଜାର ରଙ୍ଗ ଧଳା ଥିଲା । ଆପଣ[ସ.ଅ] ନିଜ ପଛରେ ହ. ଅବୁ ସଇଦ୍[ର.ଅ] ଅବା ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ସାଆଦ୍ ବିନ୍ ଉବାଦାହ୍[ର.ଅ]ଙ୍କୁ ମଦିନାର ଅମୀର୍ ରୂପେ ନିଯୁକ୍ତ କରିଥିଲେ । ଉକ୍ତ ଯାତ୍ରାରେ ଯୁଦ୍ଧ ଭଳି ସମସ୍ୟା ଉପୁଜି ନଥିଲା ଓ ବନୁ ଜମ୍‌ରାହ୍ ସହିତ ସନ୍ଧି ସ୍ଥାପିତ ହୋଇଥିଲା । ଏହା ପ୍ରଥମ ଯୁଦ୍ଧ ଥିଲା ଯହିଁରେ ଆପଣ[ସ.ଅ] ସ୍ୱୟଂ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଯୁଦ୍ଧର ଅନ୍ୟ ନାମ ୱଦାନ୍ ମଧ୍ୟ ଅଟେ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦରୁ ଆନୀତ, ଭାଗ-4, ପୃ-14, ବାବୁ ଅସ୍ ସାଲିସ୍ ଫି ଗଜ୍‌ୱତୁଲ୍ ଅବ୍‌ୱା, ପ୍ରକାଶନ ସ୍ଥାନ- ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଏସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ[ର.ଅ] ସିରତ୍ ଖାତମୁନ୍ ନବୀୟିନରେ ଉଲ୍ଲେଖ କରନ୍ତି ଯେ, "ଜିହାଦ୍ ବିସ୍ ସୈଫ୍"ର ଅନୁମତି ପ୍ରବାସର ଦ୍ୱିତୀୟ ବର୍ଷ ସିଫର୍ ମାସରେ ଅବତୀର୍ଣ୍ଣ ହୋଇଥିଲା । କୁରୈଶ୍‌ମାନଙ୍କର ରକ୍ତାକ୍ତମୟ ଅଭିଳାଷା ଓ ସେମାନଙ୍କର ଭୟାବହ ଷଡ଼ଯନ୍ତ୍ରର ବିପରୀତରେ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ତ୍ୱରିତ କାର୍ଯ୍ୟନୁଷ୍ଠାନର ଆବଶ୍ୟକତା ଥିଲା । ତେଣୁ ଆପଣ[ସ.ଅ] ସେହି ମାସରେ ପ୍ରବାସକାରୀମାନଙ୍କର ଏକ ଗୋଷ୍ଠୀକୁ ସାଙ୍ଗରେ ନେଇ ଅଲ୍ଲାଃତାଲାଙ୍କ ନାମ ନେଇ ମଦିନା ଅଭିମୁଖେ ବାହାରି ପଡ଼ିଲେ । ପ୍ରସ୍ଥାନ ପୂର୍ବରୁ ଆପଣ[ସ.ଅ] ନିଜ ପଛରେ ମଦିନାରେ ସାଆଦ୍ ବିନ୍ ଉବାଦାହ୍ ଯେକି ଖଜରଜ୍ ସଂପ୍ରଦାୟର ଅଧିପତି ଥିଲେ ତାଙ୍କୁ ଅମୀର ରୂପେ ନିୟୋଜିତ କଲେ ଓ ମଦିନାର ଦକ୍ଷିଣ ପଶ୍ଚିମ ଆଡ଼କୁ ମକ୍କାର ମାର୍ଗରେ ପ୍ରେରଣ କଲେ । ପରିଶେଷରେ ୱଦାନ୍ ନାମକ ଏକ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଲେ। ଉକ୍ତ ଅଞ୍ଚଳରେ ବନୁ ଜମ୍‌ରାହ୍‌ର ଲୋକମାନେ ବାସ କରୁଥିଲେ । ଉକ୍ତ ସଂପ୍ରଦାୟଟି ବନୁ କିନାନାର ଶାଖା ମଧ୍ୟରୁ ଏକ ଶାଖା ଥିଲା । ଏହିପରି ଭାବରେ ଏହି ଲୋକମାନେ କୁରୈଶ୍‌ମାନଙ୍କର ଚଚାଙ୍କ ପୁତ୍ର ଭାଇ ଥିଲେ । ଏଠାରେ ପହଞ୍ଚି ଆଁହଜରତ[ସ.ଅ] ବନୁ ଜମ୍ରାହ୍ ସଂପ୍ରଦାୟର ଅଧିପତି ସହିତ କଥାବର୍ତ୍ତା କଲେ ଓ ପରସ୍ପର ମଧ୍ୟରେ ଏକ ଚୁକ୍ତି କଲେ । ସେହି ଚୁକ୍ତିର ସର୍ତ୍ତଗୁଡ଼ିକ ଏହିପରି ଥିଲା ଯେ, ବନୁ ଜମ୍‌ରାହ୍ ମୁସଲମାନମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖିବେ ଓ ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି ଶତ୍ରୁକୁ ସାହାଯ୍ୟ କରିବେ ନାହିଁ । ଆଁହଜରତ[ସ.ଅ] ଯେତେବେଳେ ଏମାନଙ୍କୁ ମୁସଲମାନମାନଙ୍କ ସାହାଯ୍ୟ ନିମନ୍ତେ ଡାକିବେ ତେବେ ସେ ପରିପ୍ରେକ୍ଷୀରେ ସେମାନେ ତୁରନ୍ତ ଆସିଯିବେ । ଦ୍ୱିତୀୟ ପଟରେ ଆପଣ[ସ.ଅ] ମୁସଲମାନମାନଙ୍କ ପକ୍ଷରୁ ଏହି ପ୍ରତିଜ୍ଞା କଲେ ଯେ, ମୁସଲମାନମାନେ ବନୁ ଜମ୍‌ରାହ୍ ସଂପ୍ରଦାୟ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖିବେ ଓ ଆବଶ୍ୟକ ସ୍ଥଳେ ସେମାନଙ୍କୁ ସାହାଯ୍ୟ କରିବେ । ଉକ୍ତ ଚୁକ୍ତି ନିୟମିତ ରୂପେ ଉଲ୍ଲିଖିତ ହେଲା ଓ ଉଭୟ ପକ୍ଷଙ୍କରେ ତହିଁରେ ହସ୍ତାକ୍ଷର ହୋଇଥିଲା । 15 ଦିନର ଅନୁପସ୍ଥିତି ପରେ ଆଁହଜରତ[ସ.ଅ] ପୁନଃ ଫେରି ଆସିଲେ । ୱଦାନ୍ ଯୁଦ୍ଧର ଅନ୍ୟ ନାମ ଅବ୍‌ୱା ଯୁଦ୍ଧ ମଧ୍ୟ ଅଟେ । କାରଣ ୱଦାନ ପାଖରେ ହିଁ ଅବ୍‌ୱା ବସ୍ତି ମଧ୍ୟ ଅବସ୍ଥିତ । ଏହା ହେଉଛି ସେହି ସ୍ଥାନ ଯେଉଁଠି ଆଁହଜରତ[ସ.ଅ]ଙ୍କ ଅଭିଭାବକଙ୍କର ମୃତ୍ୟୁ ଘଟିଥିଲା । ଇତିହାସବିତ୍‌ମାନେ ଉଲ୍ଲେଖ କରନ୍ତି ଯେ, ଆଁହଜରତ[ସ.ଅ] ଉକ୍ତ ଯୁଦ୍ଧରେ ବନୁ ଜମ୍‌ରାହ୍ ସହିତ ମକ୍କାର କୁରୈଶମାନଙ୍କର ବିଚାର ଥିଲା । ଏହାର ଅର୍ଥ ଏହିକି ଯେ, ପ୍ରକୃତରେ ଆପଣ[ସ.ଅ] ଙ୍କ ଏହି ଅଭିଯାନ କୁରୈଶ୍‌ମାନଙ୍କର ଭୟଙ୍କର ଷଡ଼ଯନ୍ତ୍ରକୁ ପ୍ରତିହତ ତଥା ପଣ୍ଡ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ତହିଁରେ ସେହି ବିଷାକ୍ତ ଓ ଭୟଙ୍କର ପ୍ରଭାବର ଉପଶମ ଅଭିପ୍ରେତ ଥିଲା ଯାହାକି କୁରୈଶ୍‌ମାନଙ୍କର ପ୍ରତିନିଧିମଣ୍ଡଳ ମୁସଲମାନମାନଙ୍କ ବିରୁଦ୍ଧରେ ଆରବର ସଂପ୍ରଦାୟରେ ସୃଷ୍ଟି କରୁଥିଲେ ଓ ଯଦ୍ଦ୍ୱାରା ମୁସଲମାନମାନଙ୍କର ଅବସ୍ଥା ସେହି ଦିନମାନଙ୍କରେ ଅତ୍ୟନ୍ତ ଦୁର୍ବଳ ଓ ଶୋଚନୀୟ ହୋଇ ପଡ଼ିଥିଲା ।"

**(ସିରତ୍ ଖାତମୁନ୍ ନବିୟିନ୍, ଲେଖକ- ହ. ସାହେବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍. ଏ ର.ଅ, ପୃ-327-328)**

ସେ ଯାହା ହେଉ ନା କାହିଁକି ହ. ହମ୍‌ଜା[ର.ଅ] ଉକ୍ତ ଯୁଦ୍ଧରେ ଆଁହଜରତ[ସ.ଅ]ଙ୍କ ଧ୍ୱଜା ଧରିଥିଲେ । ଉକ୍ତ ଯୁଦ୍ଧରେ ଆପଣ[ସ.ଅ] ଅନେକ ମାର୍ଗ ଦେଇ ପରିଶେଷରେ ସମୁଦ୍ର କୂଳ ନିକଟବର୍ତ୍ତୀ ଯମ୍ବୁଅ ଓ ତା' ନିକଟବର୍ତ୍ତୀ ଉଶୈରାହ୍ ଠାରେ ପହଞ୍ଚିଲେ ଏବଂ କୁରୈଶ୍ ସହିତ ମୁକାବିଲା ହେଲା ନାହିଁ । କିନ୍ତୁ ସେଠାରେ ଆପଣ[ସ.ଅ] ବନୁ ମୁଦ୍‌ଲଜ୍ ସଂପ୍ରଦାୟ ସହିତ ସେହି ସର୍ତ୍ତର ସହିତ ଯାହା ବନୁ ଜମ୍‌ରାହ୍ ସହିତ ହୋଇଥିଲା ଏକ ଚୁକ୍ତି କରି କଲେ ଓ ପୁନଶ୍ଚ ଆପଣ[ସ.ଅ] ଫେରି ଆସିଲେ ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

**(ସିରତ୍ ଖାତମୁନ୍ ନବୀୟିନ୍‌ରୁ ଆନୀତ, ଲେଖକ-ହ. ସାହେବଜାଦ୍ ମିର୍ଜା ବଶୀର୍ ଅହେମଦ୍ ଏମ.ଏ, ପୃ-329)( ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-17, ବାବୁସ୍ ସାଦିସ୍ ଫି ବୟାନି ଗଜ୍‌ୱତୁଲ୍ ଉଶୈରାହ୍ଵି, ପ୍ରକାଶ ସ୍ଥାନ- ଦାରୁଲ୍ କିତାବୁଲ୍ ଇଲମିୟାହ୍, ବୈରୁତ୍)**

ବଦର୍ ଯୁଦ୍ଧରେ ବ୍ୟକ୍ତିଗତ ଯୁଦ୍ଧରେ ଯେଉଁ ସଂଘର୍ଷର ଚର୍ଚ୍ଚା ମିଳି । ଏହାର ଚର୍ଚ୍ଚା ବିଭିନ୍ନ ହଦିସ୍‌ମାନଙ୍କ ସଂକ୍ରାନ୍ତରେ ବର୍ଣ୍ଣିତ ହୋଇ ସାରିଛି । ହ. ମିର୍ଜା ବଶୀର୍ ଅହେମଦ ସାହେବ[ର.ଅ] ଏହାର ବିସ୍ତୃତ ବିବରଣୀ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ବର୍ତ୍ତମାନ ଉଭୟ ସୈନ୍ୟବାହିନୀ ମୁହାଁମୁହିଁ ଥିଲେ । କିନ୍ତୁ ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର ଅଟେ । ସେତେବେଳେ ସୈନ୍ୟବାହିନୀମାନେ ଏହିପରି କ୍ରମାନ୍ୱୟରେ ଛିଡ଼ା ହୋଇଥିଲେ ଯେ, ଇସ୍‌ଲାମୀୟ ସୈନ୍ୟବାହିନୀ କୁରୈଶ୍‌ମାନଙ୍କୁ ପ୍ରକୃତ ସଂଖ୍ୟା ଠାରୁ କେବଳ ଅଧିକ ନୁହେଁ ବରଂ ଦୁଇ ଗୁଣା ଦୃଶ୍ୟମାନେ ହେଉଥିଲା । ଫଳତଃ ଅବଜ୍ଞାକାରୀମାନେ ଭୟଭୀତ ହୋଇଯାଇଥିଲେ ଏବଂ ଦ୍ୱିତୀୟ ପକ୍ଷରୁ କୁରୈଶ୍‌ମାନଙ୍କର ସୈନ୍ୟବାହିନୀ ମୁସଲମାନମାନଙ୍କୁ ସେମାନଙ୍କର ପ୍ରକୃତ ସଂଖ୍ୟା ଠାରୁ ସ୍ୱଳ୍ପ ଦୃଶ୍ୟମାନ ହେଉଥିଲା । ଫଳତଃ ମୁସଲମାନମାନଙ୍କର ସାହାସ ବୃଦ୍ଧି ପାଇଥିଲା । କୁରୈଶ୍‌ମାନଙ୍କର ଏହି ପ୍ରୟାସ ରିହଥିଲା ଯେ, କିପରି ଇସଲାମୀୟ ସୈନ୍ୟବାହିନୀର ସଠିକ୍ ଆକଳନ କରାଯାଉ । କାରଣ ସେମାନେ ନିଜର ନିରାଶା ଜନିତ ହୃଦୟକୁ ଟିକେ ଆଶ୍ୱସ୍ତି ଦେଇ ପାରନ୍ତୁ । ଏଥିପାଇଁ କୁରୈଶର ଅଧିପତି ଉମୈର୍ ବିନ୍ ୱହବ୍‌ଙ୍କୁ ପ୍ରେରଣ କଲେ ଯେ, ଇସଲାମୀୟ ସୈନ୍ୟ ବାହିନୀ ଚତୁର୍ଦ୍ଦିଗରୁ ଅଶ୍ୱମାନଙ୍କୁ ଦଉଡ଼ାଇ ଦେଖନ୍ତୁ ଯେ, ସେମାନଙ୍କର ସଂଖ୍ୟ କେତେ ଅଛି ? କ'ଣ ସେମାନଙ୍କ ପଛରେ ଅନ୍ୟ କୌଣସି ସୈନ୍ୟ ଟୁକୁଡ଼ି ତ' ନାହାନ୍ତି ? ସୁତରାଂ ଉମୈର୍ ଅଶ୍ୱ ଉପରେ ଆରୋହଣ ହୋଇ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା ପରିକ୍ରମା କଲା । କିନ୍ତୁ ତା'କୁ ମୁସଲମାନ ସୈନ୍ୟବାହିନୀ ରୂପ ଏହିଭଳି ପ୍ରତାପୀ ଓ ଭବ୍ୟ, ମୃତ୍ୟୁ ଠାରୁ ଅବଚେତନ ଜଣାପଡୁଥିଲା ଯେ, ସେ ଅତ୍ୟନ୍ତ ଭୟଭୀତ ହୋଇ ଫେରି ଆସିଲା ଏବଂ କୁରୈଶମାନଙ୍କୁ ସମ୍ବୋଧିତ କରି କହିବାକୁ ଲାଗିଲା..... ହେ କୁରୈଶ ! "ମୋତେ କୌଣସି ଗୁପ୍ତ ସୈନ୍ୟ ଟୁକୁଡ଼ି ତ' ଦିଶିଲା ନାହିଁ । କିନ୍ତୁ ହେ କୁରୈଶୀୟ ଗୋଷ୍ଠୀ ! ମୁଁ ଦେଖିଅଛି ଯେ, ମୁସଲମାନମାନଙ୍କର ସୈନ୍ୟ ବାହିନୀରେ ଓଟମାନେ ନିଜ ପିଠି ଉପରେ ଲୋକମାନଙ୍କୁ ଉଠାଇ ନାହାନ୍ତି (ଅର୍ଥାତ ବସାଇ ନାହାନ୍ତି) ବରଂ ମୃତ୍ୟୁକୁ ଉଠାଇଛନ୍ତି ଏବଂ ୟସରିବର ଷଣ୍ଢଣୀମାନଙ୍କ ଉପରେ ବିନାଶ ଆରୋହିତ ହୋଇଛି । "

କୁରୈଶ୍‌ମାନେ ଯେତେବେଳେ ଏକଥା ଶୁଣିଲେ ସେତେବେଳେ ସେମାନଙ୍କ ମଧ୍ୟରେ ଏକ ବ୍ୟତିବ୍ୟସ୍ତ ଅବସ୍ଥା ସୃଷ୍ଟି ହୋଇଗଲା । ସୁରାକା ଯେକି କୁରୈଶ୍‌ମାନଙ୍କର ଜାମିନ୍‌ଦାର ହୋଇ ଆସିଥିଲା ସେ ଏଭଳି ଭୟଭୀତ ହେଲା ଯେ, ସେ ଓଲଟା ପାଦ ପଳାୟନ କଲା ଏବଂ ଲୋକମାନେ ଯେତେବେଳେ ତା'କୁ ଅଟକାଇବା ପାଇଁ ଚେଷ୍ଟା କଲେ ସେତେବେଳେ ସେ ଲୋକମାନଙ୍କୁ କହିବାକୁ ଲାଗିଲା........"ମୁଁ ଯାହାକିଛି ଦେଖୁଅଛି ତାହା ତୁମେମାନେ ଦେଖିପାରୁ ନାହିଁ ।" ହକିମ୍ ବିନ୍ ହିଜାମ୍ ଉମୈର୍‌ର ପରାମର୍ଶ ଯେତେବେଳେ ଶୁଣିଲେ ସେତେବେଳେ ବ୍ୟସ୍ତ ବିବ୍ରତ ହୋଇ ଉତ୍‌ବା ବିନ୍ ରବିଇୟାହ୍ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲା । "ହେ ଉତ୍‌ବା ! ତୁମେ ପରା ମୁହମ୍ମଦ[ସ.ଅ]ଙ୍କ ଠାରୁ ଉମ୍ରୋ ଓ ହଜ୍‌ରମୀଙ୍କ ପ୍ରତିଶୋଧ ନେବାକୁ ଚାହୁଁଛ ? ସେ ତୁମର ମିତ୍ର ଥିଲେ । କ'ଣ ଏପରି ହୋଇପାରିବ ନାହିଁ ଯେ, ତୁମେ ତା' ପକ୍ଷରୁ ରକ୍ତ କ୍ଷରଣ କରିଦିଅ ଏବଂ କୁରୈଶ୍‌ମାନଙ୍କୁ ସାଙ୍ଗରେ ଧରି ଫେରିଯାଅ । ତହିଁରେ ତୁମ ପାଇଁ ସର୍ବଦା ସୁନାମ ରହିବ ।" ଉତ୍‌ବା ଯେକି ସ୍ୱୟଂ ବିବ୍ରତ ଥିଲା ଏବଂ ସେ ସହସା କହିଲା, ହଁ ହଁ ମୁଁ ଏଥିର ରାଜି ଅଛି ଆଉ ହକିମ୍ ! ରାଜି ଅଛନ୍ତି କି ? ଦେଖ ଏହି ମୁସଲମାନମାନେ ଓ ଆମେମାନେ ପରସ୍ପର ମଧ୍ୟରେ ସଂପର୍କୀୟ ଅଟୁ । କ'ଣ ଏହି କଥା ଭଲ ଲାଗିବ ଯେ, ଭାଇ ଭାଇ ଉପରେ ଖଡ଼୍‌ଗ ଉତ୍ତୋଳନ କରୁ ଓ ପିତା ତା' ପୁତ୍ର ଉପରେ ଖଡ଼୍‌ଗ ଉତ୍ତୋଳନ କରୁ । ତୁମେ ଏପରି କର ଯେ, ତୁମେ ତତ୍‌କ୍ଷଣାତ୍ ଅବୁଲ୍ ହକମ୍ (ଅବୁ ଜହଲ୍) ନିକଟକୁ ଯାଅ ଓ ତା' ସମ୍ମୁଖରେ ଏହି ପ୍ରସ୍ତାବ ଉପସ୍ଥାପିତ କର ।" ଅପର ପକ୍ଷେ ଉତ୍‌ବା ସ୍ୱୟଂ ଓଟ ଉପରେ ଆରୋହଣ ହୋଇ ନିଜ ଆଡୁ ଲୋକମାନଙ୍କୁ ବୁଝାସୁଝା କରିବାକୁ ଆରମ୍ଭ କରିଦେଲା ଯେ, ସଂପର୍କୀୟ ତଥା ପରିଜନ ମଧ୍ୟରେ ଯୁଦ୍ଧ ହେବା ଠିକ୍ କଥା ନୁହେଁ । ଆମମାନଙ୍କୁ ଫେରିଯିବା ଉଚିତ ଓ ମୁହମ୍ମଦ ସ.ଅଙ୍କୁ ତା' ଅବସ୍ଥାରେ ଚାଡ଼ିଦେବା ଉଚିତ । କାରଣ ସେ ଅନ୍ୟ ସଂପ୍ରଦାୟଙ୍କ ସହିତ ଯୁଦ୍ଧ କରନ୍ତୁ । ଯାହା ପରିଣାମ ହେବା ଦେଖାଯିବ । ପୁନଶ୍ଚ ତୁମେ ଦେଖ ଯେ, ସେହି ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା କୌଣସି ସହଜ କଥା ନୁହେଁ । କାରଣ ତୁମେମାନେ ମୋତେ ପଛେ ଭୀରୁ କୁହ କିଛି ଯାଏ ଆସେ ନାହିଁ । କିନ୍ତୁ ମୁଁ ପ୍ରକୃତରେ ଭୀରୁ ନୁହେଁ..... ମୋତେ ଏହି ଲୋକମାନେ ମୃତ୍ୟୁକୁ କ୍ରୟ କରୁଥିବା ବ୍ୟକ୍ତିଙ୍କ ପରି (ଅର୍ଥାତ ମୃତ୍ୟୁର ସୌଦାଗର) ପ୍ରତିତ ହେଉଛନ୍ତି । ଆଁହଜରତ[ସ.ଅ] ଦୂରରୁ ଉତ୍‌ବାଙ୍କୁ ଯେତେବେଳେ ଦେଖିଲେ ସେତେବେଳେ କହିଲେ, ଉତବା ! ଅବଜ୍ଞାକାରୀଙ୍କ ସୈନ୍ୟବାହିନୀଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମଧ୍ୟରେ ଶିଷ୍ଟତା ଓ ସୌଜନ୍ୟତା ରହିଛି ତେବେ ଏହି ଲୋହିତ ବର୍ଣ୍ଣର ଓଟ ଉପରେ ଆରୋହିତ ହୋଇଥିବା ବ୍ୟକ୍ତି ମଧ୍ୟ ଅବଶ୍ୟ ରହିଛି । ଏମାନେ ଯଦି ସେହି ବ୍ୟକ୍ତିର କଥା ମାନିନେବେ ତେବେ ତାହା ସେମାନଙ୍କ ପକ୍ଷେ ଉତ୍ତମ ହେବ । କିନ୍ତୁ ହକିମ୍ ବିନ୍ ହିଜାମ ଯେତେବେଳେ ଅବୁ ଜହଲ୍ ନିକଟକୁ ଆସିଲା ଓ ତା' ଆଗରେ ଏହି ପ୍ରସ୍ତାବ ସଂପର୍କରେ ବର୍ଣ୍ଣନା କଲା ସେତବେଳେ ସେହି ଫିରଔନ୍‌ର ଜାତିରୁ (ଅର୍ଥାତ ଦୁଷ୍ଟ) ଏହିପରି କଥା ଓ ପ୍ରରୋଚନାରେ କିପରି ଆସି ପାରିବ ? ପୁନଶ୍ଚ ସେ ଉମ୍ରୋ ଓ ହଜ୍‌ରମୀଙ୍କ ଭାଇ ଆମିର୍ ହଜ୍‌ରମୀକୁ ଡାକି କହିଲା, ତୁମେ ଶୁଣିଛ ! ତୁମର ମିତ୍ର ଉତ୍‌ବା କ'ଣ କହୁଛି ? ତାହା ପୁଣି ସେହି ସମୟରେ ଯେତେବେଳେ ତୁମ ଭାଇର ପ୍ରତିଶୋଧ ନେବାର ଅବସର ତୁମ ହସ୍ତରେ ଆସିଛି । ଆମିର୍‌ର ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା । ସେ ଆରବୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ନିଜର କପଡ଼ାକୁ ଚିରିଦେଲା ଓ ଫୁଙ୍ଗୁଳା ହୋଇ ଚିତ୍କାର କରିବାକୁ ଆରମ୍ଭ କିରଦେଲା...... ହାଏ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୋ ଭାଇ କୌଣସି ପ୍ରତିଶୋଧ ନନେଇ ସେହିପରି ଶୂନ୍ୟ ହୋଇ ରହିଗଲା । ହାଏ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୋ ଭାଇ କୌଣସି ପ୍ରତିଶୋଧ ନନେଇ ସେହିପରି ଶୂନ୍ୟ ହୋଇ ରହିଗଲା !! ଉକ୍ତ ମରୁଜ ଶବ୍ଦ କୁରୈଶ୍‌ମାନଙ୍କ ସୈନ୍ୟବାହିନୀର ହୃଦୟରେ ଶତ୍ରୁତାର ବହ୍ନୀ ପ୍ରଜ୍ୱଳିତ କିରଦେଲା ଓ ଯୁଦ୍ଧର ଇଟାଭାଟି ନିଜର ପୂର୍ଣ୍ଣ ଶକ୍ତି ଓ ସାମର୍ଥ୍ୟ ସହିତ ପ୍ରଜ୍ୱଳିତ ହେବାକୁ ଲାଗିଲା ।"

ଅବୁ ଜହଲର ବ୍ୟଙ୍ଗ ଉତ୍‌ବାର ସମଗ୍ର ଶରୀରରେ ନିଆଁ ଲଗାଇ ଦେଇଥିଲା । ଉକ୍ତ କ୍ରୋଧରେ ଜର୍ଜରିତ ହୋଇ ସେ ନିଜ ସହିତ ନିଜର ଭାଇ ଶୈବା ଓ ନିଜର ପୁତ୍ର ୱଲିଦ୍‌କୁ ସାଙ୍ଗରେ ଧରି ଅବଜ୍ଞାକାରୀଙ୍କ ସୈନ୍ୟବାହିନୀ ଠାରୁ ଆଗକୁ ଅଗ୍ରସର ହେଲା ଓ ପୁରାତନ ପରମ୍ପରା ଅନୁଯାୟୀ ବ୍ୟକ୍ତିଗତ ମୁକାବିଲା ନିମନ୍ତେ ଆହ୍ୱାନ ଦେଲା । ଅନ୍‌ସାରମାନେ ଯେତେବେଳେ ସେମାନଙ୍କ ମୁକାବିଲା ନିମନ୍ତେ ଆଗକୁ ଅଗ୍ରସର ହେଲେ ସେତେବେଳେ ଆଁହଜରତ[ସ.ଅ] ସେମାନଙ୍କୁ ଅଟକାଇ ଦେଇ ହ. ଅଲୀ, ହ. ହମ୍‌ଜା, ହ. ଅବିଦା ବିନ୍ ମୁତ୍‌ଲିବ୍‌ଙ୍କୁ ଆଗକୁ ଅଗ୍ରସର ହେବା ନିମନ୍ତେ ନିର୍ଦ୍ଦେଶ ଦେଲେ । ଏମାନେ ତିନିଜଣ ଆଁହଜରତ[ସ.ଅ]ଙ୍କ ଘନିଷ୍ଠ ସଂପର୍କୀୟ ଥିଲେ ଏବଂ ଆଁହଜରତ[ସ.ଅ] ସର୍ବଦା ଏହା ଚାହୁଁଥିଲେ ଯେ, ବିପତ୍ତି ସମୟରେ ତାଙ୍କର ସମସ୍ତ ସଂପର୍କୀୟ ଏବଂ ପରିଜନମାନେ ସର୍ବାଗ୍ରେ ରହିଥାନ୍ତୁ । ଅନ୍ୟ ପଟରେ ଉତ୍‌ବା ଆଦି ମଧ୍ୟ ଅନସାରମାନଙ୍କୁ ଦେଖି ଡାକ ମାରିଲେ ଯେ, ଏହି ଲୋକମାନଙ୍କୁ ଆମ କ'ଣ ଜାଣିଛେ ? ଆମ ସମକକ୍ଷ ତଥା ସମସ୍କନ୍ଧ ଯୋଦ୍ଧା ଆମ ସମ୍ମୁଖକୁ ଆସୁ । ସୁତରାଂ ହ. ହମଜା ଓ ହ. ଅଲୀ[ର.ଅ] ଆଗକୁ ଅଗ୍ରସର ହେଲେ । ଆରବ୍ୟ ପ୍ରଥାନୁଯାୟୀ ସର୍ବ ପ୍ରଥମ ମୁଖ ମଣ୍ଡଳ ଚିହ୍ନଟ କରାଗଲା । ପୁନଶ୍ଚ ଅବିଦା ବିନ୍ ମୁତଲିବ୍ ୱଲିଦ୍‌ଙ୍କ ବିପକ୍ଷରେ ଯୁଦ୍ଧ ପାଇଁ ଛିଡ଼ା ହୋଇଥିଲା ବେଳେ ହ. ହମ୍‌ଜା[ର.ଅ] ଉତ୍‌ବା ବିରୁଦ୍ଧରେ ଏବଂ ଅଲୀ ଶୈବା ବିରୁଦ୍ଧରେ ଲଢ଼ିବା ପାଇଁ ଆଗକୁ ଆଗ୍ରସର ହେଲେ । ହ. ହମ୍‌ଜା ଓ ହ. ଅଲୀ[ର.ଅ] ନିଜ ନିଜର ପ୍ରତିପକ୍ଷକୁ ଗୋଟିଏ ଦୁଇଟି ପ୍ରହାରରେ ସେମାନଙ୍କର ବଦ୍ଧ କରି ଦେଲେ । କିନ୍ତୁ ଅବିଦା ଓ ୱଲିଦ୍‌ଙ୍କ ମଧ୍ୟରେ କେତେକ ଉତ୍ତମ ଖଡ଼୍‌ଗ ସଂଘର୍ଷର ସୂତ୍ରପାତ ହୋଇ ପରିଶେଷରେ ଦୁହେଁ ପରସ୍ପରକୁ ପ୍ରାଣଘାତି ଆକ୍ରମଣ କରି ଭୂମି ଉପରେ ପତିତ ହେଲେ । ଫଳତଃ ହ. ହମ୍‌ଜା ଏବଂ ହ. ଅଲୀ[ର.ଅ] ସଙ୍ଗେସଙ୍ଗେ ଆକ୍ରମଣ କରି ୱଲିଦ୍‌ର ବଦ୍ଧ କରିଦେଲେ ଓ ହ. ଅବିଦା [ର.ଅ]ଙ୍କୁ ଉଠାଇ ନିଜ ଶିବିର ମଧ୍ୟକୁ ନେଇ ଆସିଲେ । କିନ୍ତୁ ହ. ଅବିଦା ର.ଅ ସେହି ମରାଣାନ୍ତକ ଆକ୍ରମଣ ଏବଂ ଆଘାତର ପୀଡ଼ା ସହ୍ୟ କରି ନପାରି ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ସମୟରେ ହିଁ ମୃତ୍ୟୁବରଣ କଲେ ।

**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହ୍‌ମୁଦ୍ ଅହେମଦ ଏମ.ଏ ର.ଅ, ପୃ-358-360)**

ହ. ହମ୍‌ଜା[ର.ଅ] ବଦର୍ ଯୁଦ୍ଧରେ ତୁୟୀମା ବିନ୍ ଅଦି ଯେକି କୁରୈଶମାନଙ୍କର ଅଧିପତି ଥିଲା ତାହାକୁ ମଧ୍ୟ ବଦ୍ଧ କରିଥିଲେ ।

**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବୁ କିସ୍ସତୁ ଗଜ୍‌ୱତୁଲ୍ ବଦର୍)**

ବଦର୍ ଯୁଦ୍ଧ ହେବା ସମୟରେ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ହମ୍‌ଜା ର.ଅ ହ. ଅଲୀ[ର.ଅ]ଙ୍କ ଓଟମାନଙ୍କୁ ନିଶାସକ୍ତ ଅବସ୍ଥାରେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରି ଦେଇଥିଲେ । ଏହି ଘଟଣାଟି ମଦିରା (ମଦ୍ୟ) ଅବୈଧ ହେବା ପୂର୍ବର ଘଟଣା ଅଟେ । ଏହାର ବିସ୍ତୃତ ଆଲୋଚନା ବିଭିନ୍ନ ବର୍ଣ୍ଣନାକାରୀମାନେ ବୁଖାରୀରେ ଏହିପରି ବର୍ଣ୍ଣିତ କରିଛନ୍ତି । ହ. ଅଲୀ ବିନ୍

ହୁସୈନ୍ର.ଅ ନିଜର ପାତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ବିନ୍ ତାଲିବ୍ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃସ.ଅଙ୍କ ସହିତ ବଦର୍‌ର ଯୁଦ୍ଧ ଅବସରରେ ମୋତେ ଏକ ଯୁବ ଓଟ ମାଲେ ଗନିମତ୍ ଆକାରରେ ପ୍ରାପ୍ତ ହେଲା ଓ ଅନ୍ୟ ଏକ ଓଟ ମୋତେ ଆଁହଜରତସ.ଅ ପ୍ରଦାନ କଲେ । ମୁଁ ସେହି ଓଟ ଦ୍ୱୟଙ୍କୁ ବାନ୍ଧି ଦେଇଥିଲି ଏବଂ ଏହା ଭାବିଥିଲି ଯେ, ମୁଁ ସେହି ଓଟ ଦ୍ୱୟର ପିଠିରେ ଅଜ୍‌ଖର୍ ଘାସ (ଏକ ପ୍ରକାରର ଘାସ ଯାହାକୁ ବଣିଆମାନେ ମଧ୍ୟ ବ୍ୟବହାରେ କରନ୍ତି ଓ ଏହି ଘାସ ଅତ୍ୟନ୍ତ ସୁଗନ୍ଧିତ ଅଟେ)ଲଦି ବିକ୍ରୟ କରିବା ପାଇଁ ନେଇଯିବି । ବନି କୈନ୍‌କାର ଜଣେ ବଣିଆ ମଧ୍ୟ ମୋ ସହିତ ଥିଲା । ମୋର ଏହିପରି ଚିନ୍ତାଧାର ଥିଲା ଯେ, ମୁଁ ଏହି ଓଟ ଦ୍ୱୟକୁ ବିକି ହ. ଫାତିମାର.ଅଙ୍କ ସହିତ ନିକାହ୍ କରି ବିବାହ ବନ୍ଧନରେ ବାନ୍ଧି ହୋଇଯିବି ଓ ୱଲିମା ମଧ୍ୟ (ପ୍ରୀତି ଭୋଜନ) ଦେବି । ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ର.ଅ ସେହି ଅନ୍‌ସାରୀ ଘରେ ମଦ୍ୟ ପାନ କରୁଥିଲେ । ତାଙ୍କ ସହିତ ଜଣେ ଗାୟିକାଟିଏ ମଧ୍ୟ ଥିଲା । ସେହି ଗାୟିକା ଯେତେବେଳେ ଏହି ପଦ ପଢିଲା ଯେ, ହଁ ହେ ହମ୍‌ଜା ! ଉଠ ପୃଥୁଳ ଯୁବ ଓଟମାନଙ୍କ ଆଡ଼କୁ ଅଗ୍ରସର ହୁଅ । ହମ୍‌ଜାର.ଅ ଉତକ୍ଷିପ୍ତ ହୋଇ ଖଡ଼୍‌ଗ ଧରି ଉଭୟ ଓଟର ପର୍ବତ ପରି ବାହାରିଥିବା କୁଦ (ପିଠି)କୁ ବିଦୀର୍ଣ୍ଣ କରିଦେଲା ଓ ପେଟକୁ ମଧ୍ୟ ବିଦୀର୍ଣ୍ଣ (ଚିରି) କରିଦେଲେ ଓ ସେମାନଙ୍କର କଲିଜା ବାହାର କରିନେଲେ । ଇବ୍‌ନେ ଜୁରୈଜ୍ ବର୍ଣ୍ଣନା କଲେ ଯେ, ମୁଁ ଇବ୍‌ନେ ଶିହାବଙ୍କୁ ପଚାରିଲି ଯେ, ହ. ହମ୍‌ଜା କ'ଣ ପିଠିର ମାଂସକୁ ମଧ୍ୟ ବିଦୀର୍ଣ୍ଣ କରିଦେଇଥିଲେ କି ? ସେ କୁହନ୍ତି ଯେ, ସେହି ଦୁହିଁଙ୍କର ପିଠିର କୁଦକୁ କାଟି ନେଇଗଲେ । ଇବ୍‌ନେ ଶିହାବ୍ ବର୍ଣ୍ଣନା କଲେ ଯେ, ହ. ଅଲୀର.ଅ କହିଲେ, ମୁଁ ଏହି ଦୃଶ୍ୟକୁ ଦେଖି ବହୁତ ମର୍ମାହତ ଓ ବ୍ୟଥିତ ହେଲି । ପୁନଶ୍ଚ ମୁଁ ଆଁହଜରତସ.ଅଙ୍କ ସେବାରେ ଉପସ୍ଥିତ ହେଲି । ଆପଣସ.ଅଙ୍କ ସେବାରେ ସେତେବେଳେ ଜୈଦ୍ ବିନ୍ ହାରିସାର.ଅ ଉପସ୍ଥିତ ଥିଲେ । ମୁଁ ଆଁହଜରତ୍ସ.ଅଙ୍କ ସମ୍ମୁଖରେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲି ଏବଂ ଆପଣସ.ଅଙ୍କୁ ଅବଗତ କଲି । ଆପଣସ.ଅ ଆସିଲେ। ଜୈଦ୍ର.ଅ ମଧ୍ୟ ଆପଣସ.ଅଙ୍କ ସହିତ ଥିଲେ ଓ ମୁଁ ମଧ୍ୟ ଆପଣସ.ଅଙ୍କ ସହିତ ଥିଲି । ଏହି ସମସ୍ତ ଘଟଣା ଆଁହଜରତସ.ଅ ଶୁଣିବା ପରେ ଆପଣ ତାଙ୍କ ଉପରେ ଭୀଷଣ ବିରକ୍ତ ଭାବ ପ୍ରକାଶ କରିଥିଲେ । ତେବେ ହ. ହମ୍‌ଜାର.ଅ ଯେତେବେଳେ ନିଜର ପଲକ ଉପରକୁ ଉଠାଇ ଦେଖିଲେ ସେତେବେଳେ ଆପଣର.ଅ ମଧ୍ୟ ନିଶାସକ୍ତ ଅବସ୍ଥାରେ ଥିଲେ । ଆଁହଜରତସ.ଅଙ୍କୁ ହ. ହମ୍‌ଜାର.ଅ କହିବାକୁ ଲାଗି ଲେ ଯେ, ହେ ମୁହମ୍ମଦସ.ଅ ! ତୁମେମାନେ ସମସ୍ତେ ମୋ ପୂର୍ବ ପୁରୁଷଙ୍କର ଦାସ ଅଟ ଏହି ସମସ୍ତ ଘଟଣା ଆଁହଜରତସ.ଅ ଶୁଣିବା ପରେ ଆପଣ ତାଙ୍କ ଉପରେ ଭୀଷଣ ବିରକ୍ତ ଭାବ ପ୍ରକାଶ କରିଥିଲେ । ହ. ହମ୍‌ଜାର.ଅ ସେତେବେଳେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଥିଲେ । ତେଣୁ ଆଁହଜରତସ.ଅ, ହ. ଅଲୀ ଓ ଅନ୍ୟ ଲୋକମାନଙ୍କୁ ଦେଖି ହ. ହମ୍‌ଜାର.ଅ କହିବାକୁ ଲାଗିଲେ ଯେ, ତୁମେମାନେ ସମସ୍ତେ ମୋ ପୂର୍ବପୁରୁଷଙ୍କର ଦାସ ଅଟ । ଆଁହଜରତସ.ଅ ଯେଉଁ ପାଦରେ ଘଟଣା ସ୍ଥଳକୁ ଯାଇଥିଲେ ସେହି ପାଦରେ ହିଁ ସେଠାରୁ ଲେଉଟି ଆସିଲେ । ସୁତରାଂ ଆଁହଜରତସ.ଅ ଯେଉଁ ପାଦରେ ଘଟଣା ସ୍ଥଳକୁ ଯାଇଥିଲେ ସେହି ପାଦରେ ହିଁ ସେଠାରୁ ଲେଉଟି ଆସିଲେ ।

**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁସାକାତ୍ତ, ବାବୁ ବୈଇଲ୍ ହତବି ୱଲ୍ କିଲା, ହଦିସ୍ ନଂ-2375)**

ସାହାବାମାନେ ଆଁହଜରତସ.ଅଙ୍କୁ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ହମ୍‌ଜାର.ଅ ଯେହେତୁ ଅତ୍ୟଧିକ ମଦ୍ୟପାନ କରିଛନ୍ତି । ତେଣୁ ଆମମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ଆମେ ତାଙ୍କ ସହିତ ବର୍ତ୍ତମାନ କଥାବାର୍ତ୍ତା କରିବା ଅନୁଚିତ ଅଟେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଦେଖିନିଅ ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ମଦ୍ୟପାନକୁ ଯେତେବେଳେ ଅବୈଧ ହେବାର ଐଶୀବାଣୀ ଅବତୀର୍ଣ୍ଣ କଲେ ସେତେବେଳେ କୌଣସି ସାହାବାମାନେ ମଧ୍ୟ ମଦିରା ନିକଟକୁ ମାଡ଼ିଲେ ନାହିଁ, ଏହା ଥିଲା ସେମାନଙ୍କର ଧର୍ମପରାୟଣତାର ସ୍ତର । ଅର୍ଥାତ ଯେତେବେଳେ ମଦିରାକୁ ଅଲ୍ଲାଃତାଲା ଅବୈଧ ବୋଲି ଘୋଷଣା କରିଦେଲେ ସେତେବେଳେ ସେମାନେ (ସାହାବାମାନେ) ଧର୍ମପରାୟଣତା ଏବଂ ଈଶ୍ୱର ତଥା ତାଙ୍କ ବାର୍ତ୍ତାବହଙ୍କ ଆଦେଶକୁ ସହୃଦୟର ସହିତ ଗ୍ରହଣ କରି ତାହାକୁ ଆଉ ପାନ କଲେ ନାହିଁ । ବରଂ ତୁରନ୍ତ ମଦିରା ମାଠିଆକୁ ଭାଙ୍ଗି ପକାଇଲେ ।

**(ସହି ବୁଖାରୀ, କିତାବୁଲ୍ ଅଶ୍ରିବତ୍ତୁ, ବାବୁ ତହରଲ୍ ଖମର୍....... ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-5138)**

ସାହାବାମାନେ ଏହା କହିଲେ ନାହିଁ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେମାନେ ମଦ୍ୟ ପାନ କରିବା ଧୀରେ ଧୀରେ ପରିତ୍ୟାଗ କରିଦେବୁ । ଯେପରିକି ଆଜିକାଲି ଲୋକମାନେ କୁହନ୍ତି । ପ୍ରଥମତଃ- ସେମାନେ ମଦ୍ୟ ପାନ ନିଶାରେ ନିଶାସକ୍ତ ହୋଇଯାଆନ୍ତି । ତେଣୁ ଯେଉଁମାନେ ଏହି ପରି ବ୍ୟକ୍ତି ଅଟନ୍ତି ସେମାନଙ୍କର ଏତାଦୃଶ କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ଅଟେ । ଇସ୍‌ଲାମ୍ ଧର୍ମରେ ଏହିଭଳି କାର୍ଯ୍ୟ ନିଷିଦ୍ଧ ଅଟେ । ପୁନଶ୍ଚ ଲୋକମାନେ କୁହନ୍ତି ଯେ, ଆମେମାନେ ମଦ୍ୟ ପାନ କରିବା ଧୀରେ ଧୀରେ କରି ଛାଡ଼ି ଦେବୁ, ଆମକୁ ଟିକିଏ ସମୟ ଦିଆଯାଉ। ସେ ଯାହା ହେଉ ନା କାହିଁକି ଏହି ଘଟଣାଟି ସେହି ସମୟରେ ଘଟିଥିଲା ଏବଂ ପରବର୍ତ୍ତୀ ସମୟରେ ବଳିଦାନର ସ୍ତର ଧୀରେ ଧୀରେ ବଢ଼ି ଚାଲିଲା । ନିଃସନ୍ଦେହ ରୂପେ ହ. ହମ୍‌ଜାର.ଅ ନିଜର ଏହି କାର୍ଯ୍ୟ ଯୋଗୁଁ ପରବର୍ତ୍ତୀ ସମୟରେ ଅନୁତପ୍ତ ମଧ୍ୟ ହୋଇଥିବେ । କିନ୍ତୁ ମଦ୍ୟ ଅବୈଧ ହେବା ପରେ ବଦର ଯୁଦ୍ଧରେ ମଧ୍ୟ ବନୁ କୈନ୍‌କା ଅଭିଯାନରେ ହ. ହମ୍‌ଜାର.ଅ ନିମନ୍ତ୍ରିତ ଥିଲେ । ଉକ୍ତ ଯୁଦ୍ଧରେ ମଧ୍ୟ ନବୀ କରୀମ୍ ସ.ଅଙ୍କ ଧ୍ୱଜା ହ. ହମ୍‌ଜାର.ଅଙ୍କ ହସ୍ତରେ ଥିଲା ଏବଂ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣ ଥିଲା ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-180, ବାବୁସ୍ ସାନିୟା ଅଶରଫି ଗଜ୍‌ୱତା ବନି କୈନ୍‌କା, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ବନୁ କୈନ୍‌କା ସଂପ୍ରଦାୟ ସଂପର୍କରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ଯେତେବେଳେ ଆଁହଜରତସ.ଅ ମକ୍କାରୁ ପ୍ରବାସ କରି ମଦିନା ଆସିଥିଲେ ସେତେବେଳେ ମଦିନାରେ ଇହୁଦୀମାନଙ୍କର ତିନୋଟି ସଂପ୍ରଦାୟ ବାସ କରୁଥିଲେ । ସେମାନେ ହେଲେ- **1-** ବନୁ କୈନ୍‌କା, **2-** ବନୁ ନୁଜୈର୍, ଓ **3-** ବନୁ କୁରୈଜା । ଆଁହଜରତସ.ଅ ମଦିନା ଆସିବା କ୍ଷଣି ଇହୁଦୀମାନଙ୍କ ସହିତ ଶାନ୍ତି ଓ ସଦ୍‌ଭାବନାର ସନ୍ଧି ଏବଂ ଚୁକ୍ତି ସ୍ୱାକ୍ଷର କରି ନେଇଥିଲେ । ଅତଃ ଆଁହଜରତସ.ଅ ଇହୁଦୀମାନଙ୍କ ସହିତ ଶାନ୍ତି ଓ ସନ୍ଧିର ମୂଳଦୁଆ ପକାଇଥିଲେ। ଚୁକ୍ତି ଅନୁଯାୟୀ ଉଭୟ ପକ୍ଷ ଏହି କଥାର ପ୍ରତିବଦ୍ଧ ଯେ, ଉଭୟ ଗୋଷ୍ଠୀ ମଦିନାରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବେ । ଯଦି କୌଣସି ବାହ୍ୟ ଶତ୍ରୁ ମଦିନା ଉପରେ ଆକ୍ରମଣ କରନ୍ତି ତେବେ ସେ ପରିପ୍ରେକ୍ଷୀରେ ସମସ୍ତେ ମିଳିମିଶି ଶତ୍ରୁର ମୁକାବିଲା କରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ତ' ଇହୁଦୀ ଏହି ଚୁକ୍ତିର ସର୍ତ୍ତକୁ ପାଳନ କଲେ ଏବଂ ପ୍ରକାଶ୍ୟ ରୂପେ ସେମାନେ ମୁସଲମାନମାନଙ୍କ ସହିତ କଳହ ସୃଷ୍ଟି କଲେ ନାହିଁ । କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ, ମୁସଲମାନମାନେ ମଦିନା ଉପରେ କାୟା ବିସ୍ତାର କଲେଣି ସେତେବେଳେ ସେହି ଇହୁଦୀମାନଙ୍କର ଢଙ୍ଗଢାଙ୍ଗ (ଆଚରଣ) ବଦଳିବାକୁ ଆରମ୍ଭ ହେଲା । ଅତଏବ ସେମାନେ ମୁସଲମାନମାନଙ୍କର ବୃଦ୍ଧି ପାଉଥିବା ଶକ୍ତିକୁ ରୋକିବା ତଥା ପ୍ରତିହତ କରିବା ନିମନ୍ତେ ମନସ୍ଥ କରିନେଲେ ଏବଂ ଉକ୍ତ ଅଭିପ୍ରାୟ ନିମନ୍ତେ ସେମାନେ ପ୍ରତ୍ୟେକ ପ୍ରକାରର ବୈଧ, ଅବୈଧ ପନ୍ଥା ଅବଲମ୍ବନ କରିବାକୁ ଆରମ୍ଭ କରିଦେଲେ ।"

ଏପର୍ଯ୍ୟନ୍ତକି ସେମାନେ ଏହି କଥାର ପ୍ରୟାସ କରିବାରୁ ମଧ୍ୟ ପଛ ଘୁଞ୍ଚା ଦେଲେ ନାହିଁ ଯେ, ମୁସଲମାନମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଇ ଗୃହଯୁଦ୍ଧ ଆରମ୍ଭ କରାଇଦେବେ । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏକ ଅବସରରେ ଔସ୍ ଓ ଖଜରଜ୍ ସଂପ୍ରଦାୟର ଅନେକ ଲୋକ ଏକତ୍ରିତ ବସିଥିଲେ ଏବଂ ପରସ୍ପର ମଧ୍ୟରେ ପ୍ରେମ ଓ ଏକତାର ସହିତ ବାର୍ତ୍ତାଳାପ କରୁଥିଲେ କି କେତେକ ଉପଦ୍ରବୀ ଇହୁଦୀମାନେ ଉକ୍ତ ସଭାରେ ପହଞ୍ଚି ବୁଆସ୍ ଯୁଦ୍ଧର ଚର୍ଚ୍ଚା ଆରମ୍ଭ କରିଦେଲେ । ଏହି ଯୁଦ୍ଧଟି ଏତେ ଭୟଙ୍କର ଯୁଦ୍ଧ ଥିଲା ଯେ, ଯୁଦ୍ଧ ଉଭୟ ସଂପ୍ରଦାୟ ମଧ୍ୟରେ ପ୍ରବାସର କିଛି ବର୍ଷ ପୂର୍ବେ ହୋଇଥିଲା । ଉକ୍ତ ଯୁଦ୍ଧରେ ଔସ୍ ଓ ଖଜରଜ୍ ସଂପ୍ରଦାୟର

---

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅନେକ ଲୋକମାନେ ପରସ୍ପର ହସ୍ତରୁ ନିହତ ହୋଇଥିଲେ । ଉକ୍ତ ଯୁଦ୍ଧର ଚର୍ଚ୍ଚା ହେବା କ୍ଷଣି କେତେକ ଉତ୍ତେଜିତ ଲୋକମାନଙ୍କର ମନରେ ପୁରୁଣା ସ୍ମୃତି ସତେଜ ହୋଇ ଉଠିଲା ଏବଂ ସେମାନେ ବିଗତ ଶତ୍ରୁତାର ଦୃଶ୍ୟକୁ ନିଜ ଦୃଷ୍ଟି ସମ୍ମୁଖରେ ନାଚି ଉଠିବାର ଅବଲୋକନ କଲେ । ପରିଣାମ ସ୍ୱରୂପ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବର୍ଚସ୍ୱା, ବ୍ୟଙ୍ଗ ବିଦ୍ରୁପ ଓ କଥା କଟାକଟି ହୋଇ, ଏହି ପରିଣାମରେ ଉପନୀତ ହେଲେ ଯେ, ସେହି ସଭାରେ ମୁସଲମାନମାନଙ୍କ ମଧ୍ୟରେ ଖଡ଼୍ଗ ଚାଲିଲା ବା ବୁଲିଲା । କିନ୍ତୁ ବେଳ ଥାଉ ଥାଉ ଆଁହଜରତ ସ.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଗଲା ଓ ଆପଣ ସ.ଅ ପ୍ରବାସକାରୀଙ୍କ ଏକ ଗୋଷ୍ଠୀ ସହିତ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଗଲେ । ଆପଣ ସ.ଅ ଉଭୟ ପକ୍ଷକୁ ବୁଝାସୁଝା କରି ରାଗ ଶାନ୍ତ କରାଇଥିଲେ । ଆପଣ ସ.ଅ ଉଭୟ ଗୋଷ୍ଠୀ ଉପରେ ବିକ୍ଷୁବ୍ଧ, ନିନ୍ଦା ଓ ଭର୍ତ୍ସନା କଲେ ଯେ, ମୋ ଥାଉ ଥାଉ ତୁମେମାନେ ଏଭଳି ନିରକ୍ଷରତାମୂଳକ ପନ୍ଥା ଆପଣାଇ ପାରୁଛ ? ତୁମେମାନେ ଈଶ୍ୱରଙ୍କ ସେହି ଅବଦାନର ମୂଲ୍ୟକୁ ହୃଦୟଙ୍ଗମ କରୁ ନାହଁ ଯିଏ ଇସଲାମ୍ ଧର୍ମ ମାଧ୍ୟମରେ ତୁମମାନଙ୍କୁ ପରସ୍ପରର ଭାଇ ଭାଇ କରିଦେଲେ ? ଉକ୍ତ ଉପଦେଶର ଅନ୍‌ସାରମାନଙ୍କ ଉପରେ ଏତେ ଗଭୀର ପ୍ରଭାବ ପଡ଼ିଲା ଯେ, ସେମାନଙ୍କ ଚକ୍ଷୁରୁ ଧାର ଧାର ହୋଇ ଲୁହ ବହିବାକୁ ଲାଗିଲା ଓ ସେମାନ ନିଜର ଏଭଳି କୃତ୍ୟ ଯୋଗୁଁ ଅନୁତପ୍ତ ତଥା ଲଜ୍ଜିତ ହୋଇ ପରସ୍ପରକୁ ଆଲିଙ୍ଗନ କଲେ ।

ଯେତେବେଳେ ବଦର୍ ଯୁଦ୍ଧ ଶେଷ ହେଲା ଓ ଅଲ୍ଲାଃତାଲା ନିଜର କୃପା ବଳରେ ମୁସଲମାନମାନଙ୍କୁ ସ୍ୱଳ୍ପ ସାଧାନ ଓ ଶୂନ୍ୟହସ୍ତ ସତ୍ତ୍ୱେ କୁରୈଶ୍‌ମାନଙ୍କର ଏକ ବିଶାଳ ବୀର ଯୋଦ୍ଧାମାନଙ୍କ ଉପରେ ସ୍ପଷ୍ଟ ବିଜୟ ଓ ମକ୍କାର ବଡ଼ ବଡ଼ ସ୍ତମ୍ଭ ସଦୃଶ ବ୍ୟକ୍ତିମାନଙ୍କର ଖ୍ୟାତି ସବୁ ଧୂଳିସାତ୍ ହୋଇଗଲା । ସୁତରାଂ ମଦିନାରେ ବାସ କରୁଥିବା ଇହୁଦୀମାନଙ୍କର ଲଙ୍କା ବା ଅଗ୍ନୀ ଜନିତ ଈର୍ଷା ପ୍ରଜ୍ୱଳିତ ହୋଇ ଉଠିଲା । ସେମାନେ ମୁସଲମାନମାନଙ୍କ ସହିତ ଖୋଲମ ଖୋଲା ବର୍ଚସ୍ୱା କରିବାକୁ ଆରମ୍ଭ କରିଦେଲେ ଓ ସଭା ସମିତି ମାନଙ୍କରେ ଖୋଲମ ଖୋଲା କହିବାକୁ ଆରମ୍ଭ କରିଦେଲେ ଯେ, କୁରୈଶ୍‌ର ସୈନ୍ୟବାହିନୀକୁ ପରାଜିତ କରିବା କିଛି ବଡ଼ କଥା ନଥିଲା । ଆମ ସହିତ ଯଦି ମୁହମ୍ମଦ୍(ସ.ଅ)ଙ୍କ ଯୁଦ୍ଧ ହୁଏ ତେବେ ଆମେ ତାଙ୍କୁ ଜଣାଇ ଦେବୁ ଯେ, କିପରି ଯୁଦ୍ଧ କରାଯାଏ ?

ଏପର୍ଯ୍ୟନ୍ତ କି ଇହୁଦୀମାନେ ସ୍ୱୟଂ ଆଁହଜରତ ସ.ଅଙ୍କ ସମ୍ମୁଖରେ ଏହି ପ୍ରକାରର ଶବ୍ଦ କହିଲେ । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧ ପରେ ଯେତେବେଳେ ଆଁହଜରତ ସ.ଅ ମଦିନା ଚାଲିଗଲେ ସେତେବେଳେ ଆପଣ ସ.ଅ ଦିନେ ଇହୁଦୀମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ଉପଦେଶ ଦେଲେ ଓ ଏବଂ ନିଜର ଦାବି ଉପସ୍ଥାପନ କରି ସେମାନଙ୍କୁ ଇସଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । ଆପଣ ସ.ଅ ଙ୍କ ଶାନ୍ତିପୂର୍ବକ ଓ ସହାନୁଭୂତିପୂର୍ଣ୍ଣ ଭାଷଣର ଇହୁଦୀଙ୍କର ଅଧିପତିମାନେ ଏହି ଶବ୍ଦରେ ଉତ୍ତରେ ଦେଲେ ଯେ, "ହେ ମୁହମ୍ମଦ(ସ.ଅ) ! ତୁମେ ସମ୍ଭବତଃ ସ୍ୱଳ୍ପ କୁରୈଶମାନଙ୍କୁ ହତ୍ୟା କରି ଗର୍ବିତ ହୋଇଯାଇଛି । ସେମାନେ ଯୁଦ୍ଧର କଳା କୌଶଳ ଠାରୁ ସଂପୂର୍ଣ୍ଣ ରୂପେ ଅପରିଚିତ ଥିଲେ । ଅର୍ଥାତ ନିପୁଣ ନୁହନ୍ତି । ତେଣୁ ଆମ ସହିତ ଯଦି ତୁମର ମୁକାବିଲା ହୁଏ ତେବେ ତୁମକୁ ଜ୍ଞାତ ହୋଇଯିବ ଯେ, ଯୋଦ୍ଧାମାନେ କିପରି ହୁଅନ୍ତି ? ଇହୁଦୀମାନେ କେବଳ ସାଧାରଣ ଧମକ ଦେଇ ବସି ରହିଲେ ନାହିଁ ବରଂ ଏପରି ପ୍ରତିତ ହେଉଥିଲା ଯେ, ସେମାନେ ଆଁହଜରତ ସ.ଅଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିବା ମଧ୍ୟ ଆରମ୍ଭ କରି ଦେଇଥିଲେ । କାରଣ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ଦିନମାନଙ୍କରେ ଯେତେବେଳେ ତଲ୍‌ହା ବିନ୍ ବରା ଯେକି ଜଣେ ନୈଷ୍ଠିକ ସାହାବି ଥିଲେ, ତାଙ୍କର ମୃତ୍ୟୁ ସମୟ ନିକଟବର୍ତ୍ତୀ ହେବାରୁ ସେ ଓସିୟତ୍ (ଇଚ୍ଛାପତ୍ର) କଲେ ଯେ, ମୋର ଯଦି ରାତ୍ରବେଳା ମୃତ୍ୟୁ ଘଟେ ତେବେ ନମାଜ ଯନଜାଃ ପାଇଁ ଆଁହଜରତ ସ.ଅଙ୍କୁ ସୂଚିତ ନକରାଯାଉ । କାରଣ ଏପରି ନହେଉ କି ମୋ ଯୋଗୁଁ ଆପଣମାନଙ୍କ ଉପରେ ଇହୁଦୀମାନଙ୍କ ପକ୍ଷରୁ କୌଣସି ଅଘଟଣ ଘଟୁ । ଅତଃ ବଦର୍ ଯୁଦ୍ଧ ପରେ ଇହୁଦୀମାନେ ଖୋଲମଖୋଲା ଉପଦ୍ରବ ଆରମ୍ଭ କରି ଦେଇଥିଲେ ଏବଂ ମଦିନାର ଇହୁଦୀମାନଙ୍କ ମଧ୍ୟରେ ବନୁ କୈନ୍‌କା ସଂପ୍ରଦାୟ ସବୁଠୁ ଅଧିକ ଶକ୍ତିଶାଳୀ ଓ ବୀର ଥିଲା । ତେଣୁ ସର୍ବ ପ୍ରଥମେ ସେହିମାନଙ୍କ ପକ୍ଷରୁ ହିଁ ପ୍ରତିଶୃତି ଭଙ୍ଗ ହୋଇଥିଲା । ସୁତରାଂ ଇତିହାସବିତ୍ ଉଲ୍ଲେଖ କରନ୍ତି ଯେ, ମଦିନାର ଇହୁଦୀମାନଙ୍କ ମଧ୍ୟରୁ ସର୍ବ ପ୍ରଥମେ ବନୁ କୈନ୍‌କା ସେହି ଚୁକ୍ତିକୁ ଭଙ୍ଗ କରିଥିଲା ଯାହାକି ସେମାନଙ୍କ ମଧ୍ୟରେ ଏବଂ ଆଁହଜରତ ସ.ଅଙ୍କ ମଧ୍ୟରେ ହୋଇଥିଲା । ବଦର୍ ଯୁଦ୍ଧ ପରେ ସେମାନେ ଅଧିକ ଉପଦ୍ରବ ଆରମ୍ଭ କରିଦେଲେ ଏବଂ ଖୋଲାଖୋଲି ଭାବରେ ଈର୍ଷା ଓ ବିଦ୍ୱେଷଭାବ ପ୍ରକାଶ କଲେ ଏବଂ ନିଜର ପ୍ରତିଶ୍ରୁତି ଭଙ୍ଗ କରିଦେଲେ ।

କିନ୍ତୁ ଏହି ପ୍ରକାରର ପ୍ରସଙ୍ଗ ସତ୍ତ୍ୱେ ମୁସଲମାନମାନେ ନିଜର ମୁନିବଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତ୍ୟେକ ପକ୍ଷରୁ ଧୈର୍ଯ୍ୟ ପ୍ରଦର୍ଶନ କଲେ ଏବଂ ନିଜ ଆଡୁ କୌଣସି ହାତ ବଢାଇଲେ ନାହିଁ ଅର୍ଥାତ ଇହୁଦୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ବରଂ ହଦିସ୍‌ରେ ଏକଥା ମଧ୍ୟ ଉଲ୍ଲେଖ ରହିଛି ଯେ, ଚୁକ୍ତି ପରେ ଇହୁଦୀମାନଙ୍କ ସହିତ ଯାହାକିଛି ହୋଇଥିଲା ତାହା ଏହିପରି ଥିଲା ଯେ, ଆଁହଜରତ ସ.ଅ ବିଶେଷରୂପେ ଇହୁଦୀମାନଙ୍କ ପ୍ରତି ଦୟାଶୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ ।

ସୁତରାଂ ଏକଦା ଜଣେ ମୁସଲମାନ ବ୍ୟକ୍ତି ଓ ଇହୁଦୀ ବ୍ୟକ୍ତି ମଧ୍ୟରେ କିଛି ମତପାର୍ଥକ୍ୟ ଘଟିଲା । ସେହି ଇହୁଦୀ ବ୍ୟକ୍ତି ଜଣକ ହ. ମୁସା ଅ.ସଙ୍କୁ ଅନ୍ୟ ସମସ୍ତ ଅବତାରମାନଙ୍କ ତୁଳନାରେ ଶ୍ରେଷ୍ଠ ବୋଲି ବିବେଚିତ କଲା । ଏକଥା ଶୁଣି ଉକ୍ତ ମୁସଲମାନ ବ୍ୟକ୍ତି ଜଣକ କ୍ରୋଧିତ ହୋଇ ଉଠିଲା ଏବଂ ସେ ଇହୁଦୀ ବ୍ୟକ୍ତି ଉପରେ କିଛି କଠୋରତା ପ୍ରଦର୍ଶନ କଲା ଏବଂ ଆଁହଜରତ ସ.ଅଙ୍କୁ ସମସ୍ତ ଅବତାରମାନଙ୍କ ଅପେକ୍ଷା ଶ୍ରେଷ୍ଠତର ବୋଲି ବିବେଚିତ କଲା । ଆଁହଜରତ ସ.ଅ ଙ୍କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସାହାବିଙ୍କ ଉପରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ ଏବଂ ଉକ୍ତ ସାହାବିଙ୍କୁ ନିନ୍ଦା ତଥା ଭର୍ତ୍ସନା କରି କହିଲେ, ତୁମର ଏହି କାର୍ଯ୍ୟ କଦାପି ପ୍ରଶଂସନୀୟ ନୁହଁ ଯେ ତୁମେ ଈଶ୍ୱରଙ୍କ ଦୂତମାନଙ୍କୁ ପରସ୍ପର ମଧ୍ୟରେ ଶ୍ରେଷ୍ଠତ୍ୱ ପ୍ରଦାନ କରିବ । ଏତଦ୍‌ପରେ ଆପଣ ସ.ଅ ହ. ମୁସା ଅ.ସଙ୍କୁ ଏକପାକ୍ଷିକ ଶ୍ରେଷ୍ଠତ୍ୱ ପ୍ରଦାନ କରି ଇହୁଦୀ ବ୍ୟକ୍ତିର ମନ ରଖିନେଲେ ବା ଜିଣିନେଲେ । ଆଁହଜରତ ସ.ଅଙ୍କ ଏହିଭଳି ହୃଦୟ ଜିଣିବା ବ୍ୟବହାର ସତ୍ତ୍ୱେ ଇହୁଦୀ ବ୍ୟକ୍ତି ଜଣକ ନିଜର ଉପଦ୍ରବତ୍ୱରେ ଉନ୍ନତି କରି ଚାଲିଲା ଏବଂ ପରିଶେଷରେ ସ୍ୱୟଂ ଇହୁଦୀମାନଙ୍କ ପକ୍ଷରୁ ହିଁ ଯୁଦ୍ଧର କାରଣ ସୃଷ୍ଟି ହୋଇଥିଲା ଏବଂ ସେମାନଙ୍କ ମନରେ ଥିବା ଶତ୍ରୁତାମୂଳକ ଆଚରଣ ସେମାନଙ୍କର ହୃଦୟରେ ଦ୍ରବୀଭୂତ ହୋଇ ରହି ପାରିଲା ନାହିଁ । ପରିଣାମ ଏହା ହେଲା ଯେ, ଜନୈକା ମୁସ୍‌ଲିମ୍ ମହିଳା ଏକ ଇହୁଦୀ ବ୍ୟକ୍ତିର ଦୋକାନକୁ କିଛି ଜିନିଷ ପତ୍ର କିଣାକିଣା କରିବା ପାଇଁ ଯାଇଥିଲା । ତେବେ ସେଠାରେ ଉପସ୍ଥିତ ଥିବା ଦୁଷ୍ଟ ଖଳ ଇହୁଦୀ ଯୁବକମାନେ ଉକ୍ତ ମୁସଲମାନ ମହିଳାଙ୍କ ସହିତ ଅସଦାଚରଣ କଲେ । ଏପରିକି ଉକ୍ତ ଇହୁଦୀ ଦୋକାନୀ ଜଣକ ମଧ୍ୟ ମହିଳାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କଲା ଏବଂ ତାହା ଏହିପରି ଯେ, ମହିଳା ଜଣଙ୍କ ଅନ୍ତବସ୍ତ୍ରର କାନିକୁ ପିଠି ଉପରେ ଥିବା କପଡ଼ା (ଓଢଣା)କୁ ଏକ କଣ୍ଟା ସହିତ ଯୋଡ଼ି ଦେଲା । ଅତଃ ଯେତେବେଳେ ମହିଳା ଜଣକ ନିଜକୁ ଅସହଜ ଅନୁଭବ କଲେ ଏବଂ ସେଠାରୁ ଉଠି ଚାଲିଯିବା ପାଇଁ ବାହାରିଲେ ସେତେବେଳେ ଉକ୍ତ ମହିଳା ଜଣକ ନିର୍ବସ୍ତ୍ର ହୋଇଗଲେ । ଫଳସ୍ୱରୂପ ସେଠାରେ ଉପସ୍ଥିତ ଥିବା ଇହୁଦୀ ଯୁବକମାନେ ଏବଂ ଦୋକାନୀ ଜଣକ ଠୋ ଠୋ ହୋଇ ହସିଲେ ।

ମୁସଲମାନ ମହିଳା ଜଣକ ଲଜ୍ଜା ଅନୁଭବପୂର୍ବକ ଚିତ୍କାର କଲେ ଏବଂ ସାହାଯ୍ୟ ଭିକ୍ଷା କଲା । ଦୈବାତ୍ ସେଠାରେ ଜଣେ ମୁସଲମାନ ବ୍ୟକ୍ତି ଉପସ୍ଥିତ ଥିଲା । ଯେତେବେଳେ ସେ ଏହି ସବୁ ଦୃଶ୍ୟ ଦେଖିଲା ସେତେବେଳେ ସେ ତୁରନ୍ତ ସେଠାରେ ପହଞ୍ଚି ଉକ୍ତ ଦୋକାନୀ ସହିତ ସଂଘର୍ଷ କଲା । ଫଳତଃ ଇହୁଦୀ ଦୋକାନୀ ଜଣକ ଉକ୍ତ ସଂଘର୍ଷରେ ପ୍ରାଣ ହରାଇଲା ।

ପରିଣାମ ସ୍ୱରୂପ ଉକ୍ତ ମୁସଲମାନ ବ୍ୟକ୍ତି ଉପରେ ଚତୁର୍ଦ୍ଦିଗରୁ ଖଡ଼୍ଗ ପ୍ରହାର

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ବର୍ଷିଲା ଏବଂ ଧର୍ମାଭିମାନୀ ମୁସଲମାନ ଘଟଣା ସ୍ଥଳରେ ହିଁ ନିଜର ପ୍ରାଣ ହରାଇଥିଲା । ଯେତେବେଳେ ମୁସଲମାନମାନଙ୍କୁ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଜାତ୍ୟାଭିମାନୀ ଯୋଗୁଁ ସେମାନଙ୍କ ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା । ଅପର ପାର୍ଶ୍ୱରେ ଇହୁଦୀମାନେ ଯେଁଉମାନେକି ଉକ୍ତ ଘଟଣାକୁ ଆଳ କରି ଯୁଦ୍ଧ କରିବା ପାଇଁ ଇଚ୍ଛୁକ ଥିଲେ ସେମାନେ ସମସ୍ତେ ଏକତ୍ରିତ ହୋଇ ରୁଣ୍ଡ କଲେ ଏବଂ ଉପଦ୍ରବ ଭଳି ପରିସ୍ଥିତି ସୃଷ୍ଟି ହୋଇଗଲା । ଉକ୍ତ ଘଟଣା ଘଟିବା ଫଳରେ ମୁସଲମାନ ଇହୁଦୀମାନଙ୍କ ମଧ୍ୟରେ ଏକ ତିକ୍ତତାମୂଳକ ବିଷମ ପରିସ୍ଥିତି ସୃଷ୍ଟି ଦେଖା ଦେଇଥିଲା । ଆଁହଜରତ[ସ.ଅ]ଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ[ସ.ଅ] ସେମାନଙ୍କ ଅର୍ଥାତ ବନୁ କୈନ୍‌କା ସଂପ୍ରଦାୟର ଅଧିପତିମାନଙ୍କୁ ଡାକିଲେ ଏବଂ ସେମାନଙ୍କୁ ଏକଥା ବୁଝାଇଲେ ଯେ, ତୁମମାନଙ୍କର ଏହିଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ ତଥା ଅସହ୍ୟ ଅଟେ । ତୁମେମାନେ ତହିଁରୁ ନିବୃତ୍ତ ରୁହ ଏବଂ ଅଲ୍ଲାଃତାଲାଙ୍କୁ ଡର। ଆଁହଜରତ[ସ.ଅ]ଙ୍କ ଦେଇଥିବା ଉପଦେଶକୁ ଉକ୍ତ ସଂପ୍ରଦାୟର ଅଧିପତିମାନେ ଅନୁତପ୍ତ ହେବା ପରିବର୍ତ୍ତେ ଅହଂକାରପୂର୍ବ ଉତ୍ତର ଦେଲେ, ହେ ମୁହମ୍ମଦ[ସ.ଅ]! ବଦର୍ ଯୁଦ୍ଧର ବିଜୟରେ ତୁମେ ଉଲ୍ଲସିତ ହୁଅ ନାହିଁ ଏବଂ ଜମା ଗର୍ବ କର ନାହିଁ। ଯେତେବେଳେ ଆମମାନଙ୍କ ସହିତ ତୁମର ଯୁଦ୍ଧ ହେବ ସେତେବେଳେ ତୁମେ ଜାଣିନେବ ଯେ, ଅସଲ୍ ଯୋଦ୍ଧା କାହାକୁ କୁହନ୍ତି ? ସୁତରାଂ ଆଁହଜରତ[ସ.ଅ] ଅନନ୍ୟୋପାୟ ହୋଇ ସାହାବାମାନଙ୍କର ଏକ ଦଳ ସହିତ ବନୁ କୈନ୍‌କାର ଦୁର୍ଗ ଅଭିମୁଖେ ଯୁଦ୍ଧ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ବର୍ତ୍ତମାନ ଏହି ଅବସରଟି ଶେଷ ଅବସର ଥିଲା ଯେ, ଇହୁଦୀମାନେ ନିଜ କର୍ମକୃତ୍ୟ ଉପରେ ଅନୁତପ୍ତ ହୁଅନ୍ତେ କିନ୍ତୁ ସେମାନେ ସମ୍ମୁଖରୁ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ ।

ଅତଏବ ଯୁଦ୍ଧ ଘୋଷଣା ହେଲା ଏବଂ ଇସ୍‌ଲାମ୍ ଧର୍ମ ଏବଂ ଇହୁଦୀ ଶକ୍ତି ପରସ୍ପରର ସଂଘର୍ଷ ନିମନ୍ତେ ବାହାରି ଆସିଲେ । ସେହି କାଳ ଅନୁଯାୟୀ ଯୁଦ୍ଧର ଏହି ନିୟମ ଥିଲା ଯେ, ନିଜେ ଦୁର୍ଗ ମଧ୍ୟରେ ଆବଦ୍ଧ ଏବଂ ସୁରକ୍ଷିତ ହୋଇ ବସି ପଡୁଥିଲେ ଏବଂ ବିରୋଧୀ ସୈନ୍ୟବାହିନୀ ଦୁର୍ଗର ଘେରାଉ କରୁଥିଲା । ପୁନଶ୍ଚ ସମୟେ ସମୟେ ପରସ୍ପର ଉପରେ ଆକ୍ରମଣ କରୁଥିଲେ । ଏପର୍ଯ୍ୟନ୍ତକି ଦୁର୍ଗ ଘେରାଉ କରୁଥିବା ସୈନ୍ୟବାହିନୀ ଦୁର୍ଗକୁ ଜୟ କରିବାରୁ ହତୋତ୍ସାହିତ ହୋଇ ଦୁର୍ଗ ଅବରୋଧ କରିବାର ଅଭିଳାଷାକୁ ପରିତ୍ୟାଗ କରି ଦେଉଥିଲା ଅବା ଦୁର୍ଗ ମଧ୍ୟସ୍ଥ ଅବରୁଦ୍ଧ ସୈନ୍ୟବାହୀନୀକୁ ବିଜୟୀ ବୋଲି ବୁଝା ଯାଉଥିଲା କିମ୍ବା ଦୁର୍ଗ ମଧ୍ୟସ୍ଥ ଅବରୁଦ୍ଧ ସୈନ୍ୟବାହିନୀ ଯୁଦ୍ଧ କରିବାକୁ ଅକ୍ଷମତା ପ୍ରକାଶ କରି ଦୁର୍ଗର ମୁଖ୍ୟ ଦ୍ୱାର ଖୋଲିଦେଇ ନିଜକୁ ବିଜୟୀମାନଙ୍କୁ ହସ୍ତାନ୍ତର କରିଦେଉଥିଲେ । ଅତଏବ୍ ଇତ୍ୟବସରରେ ବନୁ କୈନ୍‌କା ସଂପ୍ରଦାୟ ମଧ୍ୟ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲା ଏବଂ ନିଜକୁ ଦୁର୍ଗ ମଧ୍ୟରେ ଆବଦ୍ଧ କରି ବସି ରହିଲା । ଫଳତଃ ମୁସଲମାନମାନେ ବନୁ କୈନ୍‌କା ଓ ତା'ର ଦୁର୍ଗକୁ ଚତୁର୍ପାର୍ଶ୍ୱରୁ ଘେରି ନେଲେ । ପନ୍ଦର ଦିନ ପର୍ଯ୍ୟନ୍ତ ଦୁର୍ଗର ଘେରାଉ ଜାରି ରହିଲା ।

ପରିଶେଷରେ ବନୁ କୈନ୍‌କାର ସମସ୍ତ ଶକ୍ତି ଓ ଗର୍ବ ଧୂଳିସାତ୍ ହେଲା ସେତେବେଳେ ସେମାନେ ଏହି ସର୍ତ୍ତରେ ଦୁର୍ଗର ଦ୍ୱାର ଉନ୍ମୁକ୍ତ କରିଦେଲେ ଯେ, ସେମାନଙ୍କର ଧନ ମୁସଲମାନମାନଙ୍କର ହୋଇଯିବ କିନ୍ତୁ ସେମାନଙ୍କର ଜୀବନ ଏବଂ ପରିବାରବର୍ଗଙ୍କ ଉପରେ ମୁସଲମାନମାନଙ୍କର କୌଣସି ଅଧିକାର ରହିବ ନାହିଁ । ଆଁହଜରତ[ସ.ଅ] ଉକ୍ତ ସର୍ତ୍ତକୁ ସ୍ୱୀକାର କଲେ । ହ. ମୁସା[ଅ.ସ]ଙ୍କ ଧର୍ମ ବିଧାନ ଅନୁଯାୟୀ ସେହି ସମସ୍ତ ଇହୁଦୀମାନେ ମୃତ୍ୟୁ ଦଣ୍ଡର ଅଧିକାରୀ ଥିଲେ। କିନ୍ତୁ ଉକ୍ତ ଇହୁଦୀଙ୍କର ପ୍ରଥମ ଦୋଷ ଏହା ଥିଲା ଯେ, ସେମାନେ ଚୁକ୍ତି ଭଙ୍ଗ କରିଥିଲେ ଏବଂ ଦ୍ୱିତୀୟତଃ ସେମାନେ ଏକ ନିରୀହ ମୁସଲମାନ ମହିଳା ପ୍ରତି ଅସଦାଚରଣ କରିବା ସହିତ ଜଣେ ନିର୍ଦ୍ଦୋଷ ମୁସଲମାନ ବ୍ୟକ୍ତିକୁ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ଆଁହଜରତ[ସ.ଅ]ଙ୍କର ଦୟାଶୀଳ ସ୍ୱଭାବ ଶାସ୍ତି ପ୍ରତି କେବେବି ଆକୃଷ୍ଟ ହୋଇ ନଥିଲା । ବରଂ କ୍ଷମା ପ୍ରଦାନ ହିଁ ଆଁହଜରତ ସ.ଅଙ୍କ ସ୍ୱଭାବଗତ ବୈଶିଷ୍ଟ୍ୟତା ଥିଲା । ଶାସ୍ତି ଦେବାରେ ଆପଣ[ସ.ଅ] ଏତେ ଶୀଘ୍ରତା ପ୍ରଦର୍ଶନ କରୁ ନଥିଲେ । କିନ୍ତୁ ଦ୍ୱିତୀୟ ପଟେ ଏହିଭଳି ଚୁକ୍ତି ଖିଲାଫକାରୀ ଓ ଶତ୍ରୁ ସଂପ୍ରଦାୟର ମଦିନାରେ ରହିବା ମଧ୍ୟ ଏକ ବିଷାକ୍ତ ସର୍ପକୁ ପୋଷିବା ଠାରୁ କିଛି କମ ନଥିଲା । ବିଶେଷ କରି ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଜଣେ କପଟବିଶ୍ୱାସୀ ଗୋଷ୍ଠୀ ପୂର୍ବରୁ ହିଁ ମଦିନାରେ ଉପସ୍ଥିତ ଥିଲା ଓ ବାହ୍ୟ ପଟରୁ ମଧ୍ୟ ସମଗ୍ର ଆରବର ବିରୋଧ ଯୋଗୁଁ ମୁସଲମାନମାନେ ନାକେ ଦମ ହୋଇଯାଇଥିଲେ (ଅର୍ଥାତ ବିରୋଧୀ ବହୁତ ହଇରାଣ ହର୍କତ୍ କରୁଥିଲେ) ।

କିନ୍ତୁ ଆଁହଜରତ[ସ.ଅ] ଯେତେବେଳେ ଏହା ଉପଲବ୍ଧି କଲେ ଯେ, ଉକ୍ତ ସଂପ୍ରଦାୟ ସୁଧୁରୁ ନାହିଁ ଏବଂ ଏହି ଆଶଙ୍କା କଲେ ଯେ, ଏହି ସଂପ୍ରଦାୟ ମଦିନାରେ ରହିଲେ ଅଧିକ ବିପଦ ସୃଷ୍ଟି କରିବ । ତେଣୁ ତାହାର ନିବାରଣ ସ୍ୱରୂପ ଆଁହଜରତ[ସ.ଅ] ବନୁ କୈନ୍‌କା ସଂପ୍ରଦାୟ ନିମନ୍ତେ ଏହି ନିଷ୍ପତ୍ତି ନେଲେ ଯେ, ସେମାନେ ମଦିନାରୁ ବାହାରି ଯାଆନ୍ତୁ । ଏହା ସେମାନଙ୍କର ଦୋଷ ତୁଳନାରେ ଅତ୍ୟନ୍ତ କୋମଳମୟ ନିଷ୍ପତ୍ତି ଥିଲା ଏବଂ ଅନ୍ୟ ଦୃଷ୍ଟିରୁ ଦେଖିଲେ ତହିଁରେ ସୁରକ୍ଷାର ଏକ ପକ୍ଷ ମଧ୍ୟ ନିହିତ ରହିଥିଲା । ଅନ୍ୟଥା ଆରବୀୟ ଯାଯାବର ଜନଜାତିଙ୍କ ନିକଟରେ ସ୍ଥାନ ପରିବର୍ତ୍ତନ କିଛି ନୂଆ କଥା ନଥିଲା । ବିଶେଷ କରି ସେତେବେଳେ ଯେତେବେଳେ କୌଣସି ସଂପ୍ରଦାୟର ସମ୍ପତ୍ତି ଭୂମି ଏବଂ ଉଦ୍ୟାନ ଆକାରରେ ନଥାଏ । ଯେପରିକି ବନୁ କୈନ୍‌କା ସଂପ୍ରଦାୟର କୌଣସି ଭୂମି, ସମ୍ପତ୍ତି ଏବଂ ଉଦ୍ୟାନ ନଥିଲା । ଫଳତଃ ସମସ୍ତ ବନୁ କୈନ୍‌କା ସଂପ୍ରଦାୟର ଲୋକମାନଙ୍କୁ ଅତ୍ୟନ୍ତ ଧୀର ସ୍ଥିର ଭାବରେ ଗୋଟିଏ ସ୍ଥାନକୁ ପରିତ୍ୟାଗ କରି ଅନ୍ୟତ୍ର ଯାଇ ବସତି ସ୍ଥାପନ କରିବାର ଅବସର ପ୍ରାପ୍ତ ହୋଇଯାଉ । ସୁତରାଂ ବନୁ କୈନ୍‌କା ସଂପ୍ରଦାୟର ଲୋକମାନେ ଅତ୍ୟନ୍ତ ଧୀର ସ୍ଥିର ଭାବରେ ମଦିନା ଛାଡ଼ି ସିରୀୟା ଅଭିମୁଖେ ଚାଲିଗଲେ । ସେମାନଙ୍କ ପ୍ରସ୍ଥାନ ସଂକ୍ରାନ୍ତରେ ଆବଶ୍ୟକୀୟ ବନ୍ଦୋବସ୍ତ ଏବଂ ସମୀକ୍ଷା ଆଦି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଆଁହଜରତ[ସ.ଅ] ନିଜର ଜଣେ ବିଶ୍ୱସ୍ତ ସାହାବି ଯାହାଙ୍କ ନାମ ଉବାଦାହ୍ ବିନ୍ ସାମିତ୍ ଥିଲା ତାହାଙ୍କ ଉପରେ ନ୍ୟସ୍ତ କରିଥିଲେ ଯେକି ଆଁହଜରତ[ସ.ଅ]ଙ୍କ ମିତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସୁତରାଂ ଉବାଦାହ୍ ବିନ୍ ସାମିତ୍[ର.ଅ] କିଛି ଦୂର ପର୍ଯ୍ୟନ୍ତ ବନୁ କୈନ୍‌କା ସଂପ୍ରଦାୟ ସହିତ ଗେଲେ ଏବଂ ସୁରକ୍ଷାପୂର୍ବକ ସେମାନଙ୍କୁ ଆଗକୁ ପ୍ରସ୍ଥାନ ଛାଡ଼ି ଫେରି ଆସିଲେ । ମୁସଲମାନମାନଙ୍କୁ ଯେଉଁ ମାଲେ ଗନିମତ୍ ପ୍ରାପ୍ତ ହେଲା ତହିଁରେ କେବଳ ଯୁଦ୍ଧାସ୍ତ୍ର ବା ଯୁଦ୍ଧ ସରଞ୍ଜାମ, ବଣିଆ ବୃତ୍ତି ଅବଲମ୍ବନ କରୁଥିବା କେତେକ ଯନ୍ତ୍ରପାତି ଇତ୍ୟାଦି ହିଁ ରହିଥିଲା ।

ବନୁ କୈନ୍‌କା ସଂପ୍ରଦାୟ ସଂପର୍କରେ କେତେକ ବର୍ଣ୍ଣନାରେ ଏହି ଚର୍ଚ୍ଚା ମିଳେ ଯେ, ଯେତେବେଳେ ସେହି ଇହୁଦୀମାନେ ନିଜ ଦୁର୍ଗର ମୁଖ୍ୟ ଦ୍ୱାର ଉନ୍ମୁକ୍ତ କରି ନିଜକୁ ଆଁହଜରତ[ସ.ଅ]ଙ୍କୁ ହସ୍ତାନ୍ତର କରିଦେଲେ ସେତେବେଳେ ସେମାନଙ୍କର ଶପଥଭଙ୍ଗ, ବିଦ୍ରୋହ, ବିଶ୍ୱାସଘାତକତା ଏବଂ ଉପଦ୍ରବତା ଯୋଗୁଁ ଆଁହଜରତ[ସ.ଅ]ଙ୍କର ଏହି ଇଚ୍ଛା ଥିଲା କି ଆପଣ[ସ.ଅ] ସେହି ଇହୁଦୀବୀର ପୁରୁଷଙ୍କୁ ନିହତ କରିବେ । କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯେକି କପଟବିଶ୍ୱାସୀଙ୍କର ଅଧିପତି ଥିଲା ସେ ଆଁହଜରତ[ସ.ଅ]ଙ୍କୁ ଏହି ସୁପାରିଶ୍ କଲା ଯେ, ଆପଣ[ସ.ଅ] ଏହି ଇଚ୍ଛାକୁ ପରିତ୍ୟାଗ କରି ଦିଅନ୍ତୁ । ତେଣୁ ଆପଣ[ସ.ଅ] କପଟବିଶ୍ୱାସୀର ଏହି ସୁପରିଶକୁ ଗ୍ରହଣ କରି ସେମାନଙ୍କୁ ମୃତ୍ୟୁ ଦଣ୍ଡ କରିବାର ମନୋବୃତ୍ତିକୁ ପରିତ୍ୟାଗ କରିଦେଲେ । କିନ୍ତୁ ଏହି କଥାର କୌଣସି ପ୍ରମାଣ ମିଳୁ ନାହିଁ । ଅତଏବ୍ ଗବେଷକମାନେ ଏକଥାକୁ ସଠିକ୍ ବୋଲି ମନେ କରନ୍ତି ନାହିଁ । କାରଣ ଯେତେବେଳେ ଦ୍ୱିତୀୟ ବର୍ଣ୍ଣନାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ବନୁ କୈନ୍‌କା ସଂପ୍ରଦାୟ ଏହି ସର୍ତ୍ତରେ ନିଜ ଦୁର୍ଗର ଦ୍ୱାର ଖୋଲିଥିଲେ ଯେ, ସେମାନଙ୍କର ଓ ସେମାନଙ୍କ ପରିବାରବର୍ଗ, ସନ୍ତାନ ସନ୍ତତିଙ୍କୁ ଜୀବିତ ଛାଡ଼ି ଦିଆଯିବ । ତେଣୁ ଏହା କଦାପି ହୋଇପାରିବ ନାହିଁ ଯେ, ଆଁହଜରତ[ସ.ଅ] ଏହି ସର୍ତ୍ତକୁ ସ୍ୱୀକାର କରିନେବା ପରେ ଦ୍ୱିତୀୟ ପନ୍ଥା ଆପଣାଇ ଇହୁଦୀମାନଙ୍କୁ ବଧ କରିବା ନିମନ୍ତେ ଉଦ୍ୟମ କରିଥିବେ । ତେଣୁ ଏକଥା ସଂପୂର୍ଣ୍ଣ ଭିତ୍ତିହୀନ ଓ କପୋଳକଳ୍ପିତ ଅଟେ । କିନ୍ତୁ ବନୁ କୈନ୍‌କା ପକ୍ଷରୁ ନିଜର ଜୀବନର ଭିକ୍ଷାର ସର୍ତ୍ତ ଉପସ୍ଥାପନ କରିବା ଏକଥାକୁ ଇଙ୍ଗିତ କରେ ଯେ, ସେମାନେ ନିଜେ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଏହା ଭାବୁଥିଲେ ଯେ, ସେମାନଙ୍କର ଉଚିତ ଶାସ୍ତି ହେଉଛି ମୃତ୍ୟୁଦଣ୍ଡ । କିନ୍ତୁ ସେମାନେ ଆଁହଜରତ[ସ.ଅ]ଙ୍କ ଠାରୁ ଦୟାଭାବ ହିଁ ଆଶା ପୋଷଣ କରୁଥିଲେ । ତେଣୁ ସେମାନଙ୍କୁ ଏହି ପ୍ରତିଶୃତି ମିଳିବା ପରେ ଯାଇ ସେମାନେ ଦୁର୍ଗର ଦ୍ୱାର ଖୋଲିବା ପାଇଁ ଚାହୁଁଥିଲେ । କାରଣ ସେମାନଙ୍କୁ ମୃତ୍ୟୁଦଣ୍ଡ ନଦିଆଯାଉ । କିନ୍ତୁ ଆଁହଜରତ[ସ.ଅ] ନିଜ ସ୍ୱଭାବରେ ଥିବା ଦୟା ଭଳି ବିଶିଷ୍ଟ ଗୁଣାବଳୀ ଯୋଗୁଁ ସେମାନଙ୍କୁ କ୍ଷମା ପ୍ରଦାନ କରି ଦେଇଥିଲେ । କିନ୍ତୁ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଏହି ଲୋକମାନେ ନିଜର କୁକର୍ମ ଏବଂ ଅପରାଧ ଯୋଗୁଁ ଭୂପୃଷ୍ଠେରେ ଜୀବିତ ରହିବା ପାଇଁ ଯୋଗ୍ୟ ନଥିଲେ । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେଉଁ ସ୍ଥାନକୁ ଏମାନଙ୍କୁ ନିର୍ବାସିତ କରି ପ୍ରେରଣ କରାଯାଇଥିଲା ସେଠାରେ ଏକ ବର୍ଷ ନପୂରୁଣୁ ସେମାନଙ୍କ ମଧ୍ୟରେ ଏଭଳି ଏକ ଦୂରାରୋଗ୍ୟ ରୋଗବ୍ୟାଧି ସୃଷ୍ଟି ହେଲା ଯେ, ସମସ୍ତ ସଂପ୍ରଦାୟ ଉକ୍ତ ବ୍ୟାଧିରେ ପିଡ଼ୀତ ହୋଇ ଭୂମିସାତ ହୋଇଗଲା। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହେବ ଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-461-457)** ଅର୍ଥାତ ଶେଷ ହୋଇଗଲା । ବନୁ କୈନ୍‌କା ଯୁଦ୍ଧ ଜୁଲ୍ ହଜ୍ଜା ୨ ହିଜ୍‌ରୀରେ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍‌ରୁ ଆନୀତ, ଲେଖକ-ସାହେବ ଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-461)** ସେ ଯାହା ହେଉ ନା କାହିଁକି ହ. ହମ୍‌ଜା ଉକ୍ତ ଯୁଦ୍ଧରେ ଧ୍ୱଜାବାହକ ଥିଲେ ।

ହ. ହମ୍‌ଜା ର.ଅ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ଏହାର ସୂଚନା ଅଲ୍ଲାଃତାଲା ଆଁହଜରତ[ସ.ଅ]ଙ୍କୁ ବହୁ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ପ୍ରଦାନ କରି ଦେଇଥିଲେ । ସୁତରାଂ ହ. ଅନସ୍ ବିନ୍ ମାଲିକ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ଆଁହଜରତ[ସ.ଅ] ସ୍ୱପ୍ନରେ ଦେଖିଲେ ଯେ, ସେ ଏକ ମେଣ୍ଢାର ପିଛା କରୁଛନ୍ତି ଏବଂ ତାହାକୁ ଜେବହ୍ ମଧ୍ୟ କରୁଛନ୍ତି, କିନ୍ତୁ ତାହାଙ୍କ ଖଡ଼୍‌ଗର ଶୀର୍ଷ ଅଂଶ ଅର୍ଥାତ ମୁନଟି ଭାଙ୍ଗି ଯାଇଛି । ଉକ୍ତ ସ୍ୱପ୍ନର ଏହି ଅର୍ଥ ଆଁହଜରତ[ସ.ଅ] ପ୍ରକାଶ କଲେ ଯେ, ମେଣ୍ଢାକୁ ଜେବହ୍ କରିବାର ଅର୍ଥ ହେଲା ମୁଁ ଶତ୍ରୁ ପକ୍ଷର ସେନାପତିକୁ ବଦ୍ଧ କରିବି ଏବଂ ଖଡ଼୍‌ଗର ତୀକ୍ଷ୍ଣ ଭାଗଟି ଭାଙ୍ଗିବାର ଅର୍ଥ ଏହିକି ଯେ, ଉକ୍ତ ଯୁଦ୍ଧରେ ମୋ ବଂଶର ଆତ୍ମୀୟ ସ୍ୱଜନଙ୍କ ମଧ୍ୟରୁ କେହି ଜଣେ ବୀରଗତି ପ୍ରାପ୍ତ କରିବେ । ଅତଏବ୍ ଉକ୍ତ ସ୍ୱପ୍ନାନୁଯାୟୀ ଓହୋଦ୍ ଯୁଦ୍ଧରେ ହ. ହମ୍‌ଜା[ର.ଅ] ବୀରଗତି ପ୍ରାପ୍ତ କରିଥିଲେ ଏବଂ ଅବିଶ୍ୱାସକାରୀର ଧ୍ୱଜାରୋହୀ ତଲ୍‌ହାକୁ ଆଁହଜରତ[ସ.ଅ] ବଧ କରିଥିଲେ ।

**(ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍ ଲିଲ୍‌ହାକିମି, ଭାଗ-5, ପୃ-1834, କିତାବୁ ମଆରିଫତୁସ୍ ସାହାବା, ହଦିସ୍ ନଂ-4896, ପ୍ରକାଶନ ସ୍ଥାନ-ମକ୍‌ତବା ନିଜାର୍ ଅ୍ଲ ବାଜିର୍ ରିୟାଜ୍)**

ହ. ହମ୍‌ଜା[ର.ଅ]ଙ୍କୁ ଶହୀଦ୍ କରିବା ପରେ ମଧ୍ୟ ବୀପରୀତ ପାର୍ଶ୍ୱରୁ ତାଙ୍କର ହସ୍ତ, ପାଦ ଏବଂ ଶରୀର ଛେଦନ କରାଯାଇଥିଲା । ଆପଣ[ର.ଅ]ଙ୍କର ମୁଖ ମଣ୍ଡଳକୁ ବିକୃତ କରିଦିଆ ଯାଇଥିଲା, ନାକ କାଟି ଦିଆଯାଇଥିଲା, ପେଟକୁ ବିଦୀର୍ଣ୍ଣ ଅର୍ଥାତ ଚିରି ଦିଆଯାଇଥିଲା । ଆଁହଜରତ[ସ.ଅ] ଯେତେବେଳେ ହ. ହମ୍‌ଜା[ର.ଅ]ଙ୍କ ଶବର ଏଭଳି ବିକୃତ ଅବସ୍ଥା ଦେଖିଲେ ସେତେବେଳେ ଆପଣ[ସ.ଅ] ଅତ୍ୟନ୍ତ ମର୍ମାହିତ ଓ ବ୍ୟଥିତ ହୋଇ ପଡ଼ିଲେ । ଏକ ବର୍ଣ୍ଣନାନୁଯାୟୀ ଆଁହଜରତ[ସ.ଅ] ପ୍ରଣ ନେଇ କହିଲେ, ମୁଁ କୁରେଶ୍‌ର ୩୦ ଜଣ ବ୍ୟକ୍ତିଙ୍କର ମୁସ୍‌ଲା (ମୁଖ, ହସ୍ତ ପାଦକୁ ବିପୀରତ ପାର୍ଶ୍ୱରୁ କାଟି ବିକୃତ କରିବା) କରିବି କିମ୍ବା ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ୭୦ ଜଣ ବ୍ୟକ୍ତିଙ୍କର ମୁସ୍‌ଲା କରିବି । ବସ୍ତୁତଃ ପ୍ରଭୁ ଏହି ଆୟତ୍ ଅବତୀର୍ଣ୍ଣ କଲେ,

**ୱଇନ୍ ଆକବ୍‌ତୁମ୍ ଫଆକିବୁ ବିମିସ୍‌ଲି ମା ଉକିବୁ ୱଲଇନ୍ ସବର୍‌ତୁମ୍ ଲହୁଆ ଖୈରୁଲ୍ ଲିସ୍‌ସାବିରିନ୍ ।**

ହେ ମୁହମ୍ମଦ୍ ! ଯେତେବେଳେ ତୁମେ କୌଣସି ବ୍ୟକ୍ତିକୁ ଦଣ୍ଡ ଦିଅ ସେତେବେଳେ ଦୋଷୀକୁ କେବଳ ସେତିକି ହିଁ ଦଣ୍ଡ ଦିଅ ଯେତିକି କଷ୍ଟ ସେ ତୁମକୁ ଦେଇଛି ଏବଂ ତୁମ ପ୍ରତି ଯେତିକି ସେ ଅତ୍ୟାଚାର କରିଛି । ଅପରପକ୍ଷେ ଯଦି ତୁମେ ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ତାହା ତୁମ ପକ୍ଷେ ଅଧିକ ଉତ୍ତମ ସାବ୍ୟସ୍ତ ହେବ । ଫଳ ସ୍ୱରୂପ ଆଁହଜରତ[ସ.ଅ] ନେଇଥିବା ପ୍ରଣର କଫ୍ଫାରା (ପ୍ରାୟଶ୍ଚିତ ସ୍ୱରୂପ ଦାନ) ପ୍ରଦାନ କଲେ ।

**(ଅଲ୍ ଇସ୍ତିଇୟାବ୍ ଫି ମାଆରିଫତୁଲ୍ ଅସ୍‌ହାବ୍, ଭାଗ-1, ପୃ-426, ପ୍ରକାଶନ ସ୍ଥାନ-ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ[ସ.ଅ] କହିଲେ, କାଲି ରାତ୍ରରେ ମୁଁ ଯେତେବେଳେ ସ୍ୱର୍ଗରେ ପ୍ରେବଶ କଲି ସେତେବେଳେ ଏହି ଦୃଶ୍ୟକୁ ଦେଖିଲି ଯେ, ଜାଫର୍ ଈଶ୍ୱରଦୂତଙ୍କ ସହିତ ଉପରକୁ ଉଡ଼ି ଯାଉଛନ୍ତି ଅପରପକ୍ଷେ ହମ୍‌ଜା ଖଟ ଉପରେ ଭରା ଦେଇ ବସିଛନ୍ତି (ବିଶ୍ରାମ ନେଉଛନ୍ତି) ।

**(ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍ ଲିଲ୍‌ହାକିମି, ଭାଗ-5, ପୃ-1832, କିତାବୁ ମଆରିଫତୁସ୍ ସାହାବା, ହଦିସ୍ ନଂ-4890, ପ୍ରକାଶନ ସ୍ଥାନ-ମକ୍‌ତବା ନିଜାର୍ ଅ୍ଲ ବାଜିର୍ ରିୟାଜ୍)**

ହ. ଅନସ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ[ସ.ଅ] ଓହୋଦ୍ ଯୁଦ୍ଧ ଦିନ ହ. ହମ୍‌ଜାଙ୍କ ସହିତ ଅତିକ୍ରମ କଲେ । ସେଦିନ ହ. ହମ୍‌ଜା[ର.ଅ]ଙ୍କ ନାକ ଓ କାନ ବୀପରୀତ ଦିଗରୁ କଟା ହୋଇଥିଲା । ପ୍ରତ୍ୟୁତ୍ତରେ ଆଁହଜରତ[ସ.ଅ] କହିଲେ ମୋତେ ଯଦି ସଫିୟାଙ୍କ ଦୁଃଖର ଚିନ୍ତା ହୋଇ ନଥାଆନ୍ତା ତାହାହେଲେ ମୁଁ ତାଙ୍କୁ ସେହିପରି ଛାଡ଼ି ଦେଇ ଥାଆନ୍ତି ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ତାଙ୍କୁ ହିଂସ୍ର ଜନ୍ତୁ ଓ ପକ୍ଷୀଙ୍କ ପେଟ ମାଧ୍ୟମରେ ହିଁ ଉଠାଇ ନେଇ ଥାଆନ୍ତେ । ପୁନଶ୍ଚ ହ. ହମ୍‌ଜା[ର.ଅ]ଙ୍କୁ ଏକ ଚାଦର ସାହାଯ୍ୟରେ ହିଁ କଫନ୍ ଦିଆ ଯାଇଥିଲା । ଅର୍ଥାତ ଶବ ସତ୍କାର କରାଯାଇଥିଲା ।

**(ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍ ଲିଲ୍‌ହାକିମି, ଭାଗ-5, ପୃ-1832, କିତାବୁ ମଆରିଫତୁସ୍ ସାହାବା, ହଦିସ୍ ନଂ-4890, ପ୍ରକାଶନ ସ୍ଥାନ-ମକ୍‌ତବା ନିଜାର୍ ଅ୍ଲ ବାଜିର୍ ରିୟାଜ୍)**

ହ. ହମ୍‌ଜା[ର.ଅ]ଙ୍କ ଶାହାଦତ୍ ଏବଂ ତାଙ୍କର ମର ଶରୀରକୁ ଦେଖି ଆଁହଜରତ[ସ.ଅ] ଭାବବିହ୍ୱଳ ଓ ମର୍ମାହତ ହୋଇ ପଡ଼ିଥିଲେ ଏବଂ ଆପଣ[ସ.ଅ] କେବଳ ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ ତାହା ନୁହେଁ ବରଂ ଆପଣ[ସ.ଅ] ହ. ହମ୍‌ଜା[ର.ଅ]ଙ୍କ ଭଉଣୀ ଓ ଆପଣ[ସ.ଅ]ଙ୍କ ପିଉସୀଙ୍କୁ ମଧ୍ୟ ଏହି କଥାର ତାଗିଦ୍ କଲେ ଯେ, ସେମାନେ ଧୈର୍ଯ୍ୟ ପ୍ରଦର୍ଶନ କରନ୍ତୁ । ହୁଜୁର ଅନୱର[ଅ.ବ] କହିଲେ, ହ. ହମ୍‌ଜା[ର.ଅ]ଙ୍କ ମୃତ୍ୟୁ ଅନ୍ତେ ଅନ୍‌ସାର ମହିଳାମାନେ ହ. ହମ୍‌ଜାଙ୍କ ଶବ ନିକଟରେ ବିଳାପ କରିବା ପାଇଁ ଆସିବା ଏବଂ ଆଁହଜରତ[ସ.ଅ] ସେମାନଙ୍କୁ ରୋକିବାର ଘଟଣା । ଉକ୍ତ ବିଳାପମୂଳକ ଘଟଣା ସଂପର୍କରେ ସଂପର୍କରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)[ର.ଅ] ନିଜ ଖିଲାଫତ୍ ପୂର୍ବ ଜଲ୍‌ସା ସାଲାନାର ଏକ ଭାଷଣରେ ବର୍ଣ୍ଣନା କରିଥିଲେ । ସେହି ଉଦ୍ଧୃତିକୁ ମୁଁ ଏଠାରେ ପୁନଃ ବର୍ଣ୍ଣନା କରି ଦେଉଛି ଯହିଁରୁ ଉକ୍ତ ଘଟଣାର ସତ୍ୟାସତ୍ୟ ଅର୍ଥାତ ଆଁହଜରତ[ସ.ଅ]ଙ୍କ ସର୍ବୋଚ୍ଚ ଚରିତ୍ରବତ୍ତା ସଂପର୍କରେ ଅତି ସହଜେ ଅନୁମେୟ କରାଯାଇ ପାରିବ । ସେ ଯାହା ହେଉ ନା କାହିଁକି ଏଠାରେ ସେହି ଘଟଣା ବର୍ଣ୍ଣନା କରିବା ଉଚିତ । ଘଟଣାଟି ହେଉଛି ଯେ, ଆଁହଜରତ[ସ.ଅ] ହ. ହମ୍‌ଜା[ର.ଅ]ଙ୍କ ପ୍ରତି ଯେଉଁ ପ୍ରେମ ତଥା ଆନ୍ତରୀକତାପୂର୍ଣ୍ଣ ସଂପର୍କ ରହିଥିଲା ତାହାର ପରିପ୍ରକାଶ ଏହି କଥାରୁ ଅନୁମିତ ହୁଏ ଯେ, ଆଁହଜରତ[ସ.ଅ] ଓହୋଦ୍ ଯୁଦ୍ଧ ଦିନ ସନ୍ଧ୍ୟା ସମୟରେ ହ. ହମ୍‌ଜା[ର.ଅ]ଙ୍କ ପାର୍ଥିବ ଶରୀର ନିକଟରେ ଛିଡ଼ା ହୋଇ କହିଲେ, ହେ ହମ୍‌ଜା ! ମୁଁ ଆଜି ଯେତେ କ୍ରୋଧିତ ଓ ତୁମର ନିର୍ମମ ଶାହାଦତ୍ ଯୋଗୁଁ ମୋତେ ଆଜି ଯେଉଁ ଦୁଃଖ ପହଞ୍ଚିଛି ଅଲ୍ଲାଃତାଲା କେବେବି ଆଉ ମୋତେ ଏଭଳି ଦୁଃଖ ନଦିଅନ୍ତୁ । ସେତେବେଳେ ଆପଣ[ସ.ଅ]ଙ୍କ ପିଉସୀ ହ. ସଫିୟା, ହ. ହମ୍‌ଜା[ର.ଅ]ଙ୍କ ଭଉଣୀ ମଧ୍ୟ ଏହି ଦୁଃଖଦାୟକ ଓ ହୃଦୟ ବିଦାରକ ଖବର ଶୁଣି ସେଠାକୁ ଚାଲି ଆସିଲେ । ଅତଃ ଆପଣ[ସ.ଅ] ଏହି ଆଶଙ୍କା କଲେ ଯେ, କାଳେ ହମ୍‌ଜା[ର.ଅ]ଙ୍କ ଭଉଣୀ ଧୈର୍ଯ୍ୟ ହରା ହୋଇ ନଯାଆନ୍ତୁ ତେଣୁ ଆପଣ[ସ.ଅ] ସର୍ବ ପ୍ରଥମେ ତାଙ୍କୁ ହ. ହମ୍‌ଜା[ର.ଅ]ଙ୍କ ପାର୍ଥିବ ଶରୀରକୁ ଦେଖିବା ପାଇଁ ଅନୁମତି ପ୍ରଦାନ କଲେ ନାହିଁ । କିନ୍ତୁ ଯେତେବେଳେ ସେ (ହ. ସଫିୟା)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଧୈର୍ଯ୍ୟର ପ୍ରତିଶୃତି ଦେଲେ ସେତେବେଳେ ଆପଣ[ସ.ଅ] ହ. ହମ୍‌ଜା[ର.ଅ]ଙ୍କ ପାର୍ଥିବ ଶରୀରକୁ ଦେଖିବା ନିମନ୍ତେ ଅନୁମିତ ପ୍ରଦାନ କଲେ । ସେ ଯାହା ହେଉ ନା କାହିଁକି ସଫିୟା ହ. ହମ୍‌ଜା[ର.ଅ]ଙ୍କ ପାର୍ଥିବ ଶରୀର ଏବଂ ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚିଲେ ଏବଂ ପ୍ରଭୁଙ୍କ ସିଂହ ଓ ବାର୍ତ୍ତାବହଙ୍କ ସିଂହ ତଥା ନିଜର ପ୍ରିୟ ଭ୍ରାତା ହ. ହମ୍‌ଜା[ର.ଅ]ଙ୍କ ପାର୍ଥିବ ଶରୀରକୁ ଏଭଳି ମୂର୍ମୂଷ ଅବସ୍ଥାରେ ପଡ଼ିଥିବାରେ ଦେଖିଲେ ଏବଂ ସେ ଏହା ଅବଲୋକନ କଲେ ଯେ, ତାଙ୍କ ଭାଇଙ୍କ ଛାତିକୁ ଚିରି ତାଙ୍କର କଲିଜା ବାହାର କରି ନିଆଯାଇଛି ଏବଂ ମୁଖମଣ୍ଡଳକୁ ବିକୃତ କରି ଦିଆଯାଇଛି । ତାଙ୍କ ମନଟା ଦୁଃଖ ଯୋଗୁଁ ଫାଟି ପଡୁଥିଲା । କିନ୍ତୁ ସଫିୟା ନିଜର ପ୍ରତିଶୃତି ରକ୍ଷା କରି ଧୈର୍ଯ୍ୟ ପ୍ରଦର୍ଶନ କଲେ ଏବଂ କୌଣସି ଧୈର୍ଯ୍ୟହରାପୂର୍ଣ୍ଣ ବାକ୍ୟ ନିଜ ତୁଣ୍ଡରୁ ବାହାର କଲେ ନାହିଁ କି ବାହାରିବାକୁ ମଧ୍ୟ ଦେଲେ ନାହିଁ । କିନ୍ତୁ ଲୁହ ଉପରେ କାହାର ବା ଅଧିକାର ରହିଛି? କହିବାର ତାତ୍ପର୍ଯ୍ୟ ଏହିକି ଯେ, ଲୁହକୁ କିଏ ବା ଅଟକାଇ ପାରିବ ? ସେ **ଇନ୍ନା ଲିଲ୍ଲାଃହି ୱଇନ୍ନା ଲିଲ୍ଲାଃହି ରାଜିଉନ୍** ପଢିଲେ ଏବଂ କାନ୍ଦି କାନ୍ଦି ସେହିଠାରେ ହିଁ ବସି ପଡ଼ିଲେ । ଆଁହଜରତ[ସ.ଅ]ଙ୍କ ଚକ୍ଷୁରୁ ମଧ୍ୟ ଅତର୍କିତ ଭାବରେ ଅଶ୍ରୁଧାର ବହିବାକୁ ଲାଗିଲା । ଯେତେବେଳେ ସଫିୟାଙ୍କ ଅଶ୍ରୁ ଥମୁଥିଲା ସେତେବେଳେ ହୁଜୁର[ସ.ଅ]ଙ୍କ ଅଶ୍ରୁ ମଧ୍ୟ ଥମି ଯାଉଥିଲା । ପୁନଶ୍ଚ ସଫିୟାଙ୍କ ଅଶ୍ରୁର ଧାର ଯେତେବେଳେ ବହିବାକୁ ଲାଗୁଥିଲା ସେତେବେଳେ ଆଁହଜରତ[ସ.ଅ]ଙ୍କ ଅଶ୍ରୁ ଧାର ମଧ୍ୟ ବହିବାକୁ ଲାଗୁଥିଲା । କିଛି ସମୟ ପର୍ଯ୍ୟନ୍ତ ଏହିଭଳି ଅବସ୍ଥା ଜାରି ରହିଲା ଏବଂ ସମୟ ଅତିକ୍ରାନ୍ତ ହେଲା । ଅତଏବ ଆଁହଜରତ[ସ.ଅ] ଓ ଏହ୍‌ଲେ ବୈଅତ୍ (ଆଁହଜରତ[ସ.ଅ]ଙ୍କ ପରିବାରବର୍ଗ)ଙ୍କ ରୋଦନ ଓ ଲୁହର କେତୋଟି ନୀରବ ବୁନ୍ଦା ଗୁମୁରି ଗୁମିରା କାନ୍ଦିବା ବ୍ୟତୀତ ଆଉ କିଛି ନଥିଲା । ତେଣୁ ଏହା ହିଁ ସୁନ୍ନତେ ନବ୍‌ୱୀ (ଆଁହଜରତ[ସ.ଅ]ଙ୍କ ଦ୍ୱାରା ପ୍ରଣୀତ ପରମ୍ପରା) ଅଟେ ।

ଆଁହଜରତ[ସ.ଅ] ମଦିନାରେ ଏହି ଅବସ୍ଥାରେ (ଅର୍ଥାତ ଦୁଃଖିତ ଓ ରୋଦନ ଅବସ୍ଥାରେ) ପ୍ରବେଶ କଲେ ଯେ, ସମଗ୍ର ମଦିନାର ପରିବେଶ ଶୋକାକୁଳ ହୋଇ ଉଠିଲା ଏବଂ ଘରେ ଘରେ ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ବୀର ଯୋଦ୍ଧାଙ୍କ ସ୍ମୃତିରେ ରୋଦନ ଏବଂ ବିଳାପର ସ୍ୱର ଉଚ୍ଚ ହେଉଥିଲା । ଆଁହଜରତ[ସ.ଅ] ଯେତେବେଳେ ଏହି ସ୍ୱର ଶୁଣିଲେ ସେତେବେଳେ ଅତ୍ୟନ୍ତ କୋହଭରା କଣ୍ଠରେ କହିଲେ, ହମ୍‌ଜାଙ୍କ ପାଇଁ କେହି କାନ୍ଦିଲା ବାଲା ନାହାନ୍ତି! କିଏ ବା ତାଙ୍କ ପାଇଁ ରୋଦନ ଏବଂ ବିଳାପ କରିବ ? କାରଣ ଏହଲେ ବୈତ୍‌କୁ ତ' ସନ୍ଧ୍ୟା ସକାଳ ଧୈର୍ଯ୍ୟ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରାଯାଉଥିଲା। କିନ୍ତୁ ହୁଜୁର[ସ.ଅ]ଙ୍କ ଏହି କୋହଭରା ବାକ୍ୟକୁ ଯେତେବେଳେ କେତେକ ଅନ୍‌ସାରେମାନେ ଶୁଣିଲେ ସେତେବେଳେ ସମସ୍ତେ ବ୍ୟାକୁଳିତ ହୋଇ ଉଠିଲେ ଏବଂ ନିଜର ଘରକୁ ଦୌଡ଼ିଲେ ଓ ନିଜର ପତ୍ନୀଙ୍କୁ ଆଦେଶ ଦେଲେ ଯେ, ସବୁ ବିଳାପ ରୋଦନ ଛାଡ଼ିଦିଅ ଏବଂ ହମ୍‌ଜାଙ୍କ ପାଇଁ ରୋଦନ ବିଳାପ କର । ଦେଖୁ ଦେଖୁ ହ. ହମ୍‌ଜାଙ୍କ ପାଇଁ ପ୍ରତ୍ୟେକ ଦିଗରୁ ରୋଦନ ଏବଂ ବିଳାପର ସ୍ୱର ଓ ସୁଅ ଛୁଟିଲା । ପ୍ରତ୍ୟେକ ଘରେ ଶୋକାକୁଳ ପରିବେଶ ସୃଷ୍ଟି ହେଲା । ଅନ୍‌ସାର ମହିଳାମାନେ ହ. ହମ୍‌ଜା[ର.ଅ]ଙ୍କ ବିୟୋଗ ଅନ୍ତେ ଯେତେବେଳେ ଆଁହଜରତ[ସ.ଅ]ଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେମାନେ ହ. ହମ୍‌ଜା[ର.ଅ]ଙ୍କ ଶବ ନିକଟରେ ବିଳାପ ଏବଂ ସାନ୍ତ୍ୱନା ଦେବା ପାଇଁ ଆସିଲେ । ଆଁହଜରତ[ସ.ଅ] ଯେତେବେଳେ ନିଜ ଘର ବାହାରେ ସେମାନଙ୍କର ଭିଡ଼ ଓ କୋଳାହଳ ଶୁଣିଲେ ସେତେବେଳେ ଆଁହଜରତ[ସ.ଅ] ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କଲେ ଏବଂ ତତ୍‌ସହିତ ଏହା କହିଲେ, ପୁରୁଷମାନଙ୍କ ଉପରେ ବିଳାପ ଏବଂ ରୋଦନ କରିବା ଅବୈଧ ଅଟେ। ଅତଏବ୍ ସେହିଦିନ ଠାରୁ ମୃତକ ପୁରୁଷ ଉପରେ ରୋଦନ ଏବଂ ବିଳାପ କରିବାକୁ ବର୍ଜନୀୟ ବୋଲି ବିବେଚିତ କରିଦିଆଗଲା । ଆଁହଜରତ[ସ.ଅ]ଙ୍କ ପାଦ ତଳେ ଆମମାନଙ୍କର ପ୍ରାଣ ଉତ୍ସର୍ଗ ହୋଇଯାଉ । ଆପଣ[ସ.ଅ] କିଭଳି ମହାନ ଶିକ୍ଷକ ଏବଂ କିଭଳି ଆଦର୍ଶ ଚରିତ୍ରବାନ ବ୍ୟକ୍ତି ଥିଲେ ଯେ, ଆଧ୍ୟାତ୍ମିକ ଆକାଶରେ ଆମମାନଙ୍କୁ ଧର୍ମ ଶିକ୍ଷା ଆକାରର ଆପଣ[ସ.ଅ]ଙ୍କ ଅସ୍ତିତ୍ୱ ଧରାପୃଷ୍ଠରେ ଅବତୀର୍ଣ୍ଣ ସ୍ୱରୂପ ପ୍ରାପ୍ତ ହୋଇଥିଲା। ଆପଣ[ସ.ଅ] କିଭଳି ଜଣେ ଦୂରଦ୍ରଷ୍ଟା, ବିଚକ୍ଷଣ ତଥା ଚତୁର ବ୍ୟକ୍ତି ଥିଲେ । ଏହି ଉପଦେଶକାରୀ ବ୍ୟକ୍ତି ଯାହାଙ୍କ ଦୃଷ୍ଟି ମାନବିକ ସ୍ୱଭାର ପାତାଳପୁର ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ଯଦି ଆଁହଜରତ[ସ.ଅ] ସେହି ସମୟରେ ଅନ୍‌ସାରମାନଙ୍କର ପତ୍ନୀମାନଙ୍କୁ ରୋଦନ ଏବଂ ବିଳାପ କରିବାରୁ ବାରଣ କରିଦେଇ ଥାଆନ୍ତେ । ଯେତେବେଳେ ସେମାନେ (ଅନ୍‌ସାରମାନେ) ବୀରଗତି ପ୍ରାପ୍ତକାରୀଙ୍କ ଉପରେ ବିଳାପ ଓ ରୋଦନ କରୁଥିଲେ ସେତେବେଳେ ସମ୍ଭବତଃ କେତେକ ବ୍ୟକ୍ତିଙ୍କ ପକ୍ଷେ ଏହା ଅତ୍ୟନ୍ତ କଷ୍ଟ ଦାୟକ ହୋଇ ଥାଆନ୍ତା ଏବଂ ଏହି ଧୈର୍ଯ୍ୟ ସେମାନଙ୍କ ପାଇଁ ଅଗ୍ନୀ ପରୀକ୍ଷା ସାବ୍ୟସ୍ତ ହୋଇଯାଇ ଥାଆନ୍ତା । କିନ୍ତୁ ଦେଖ ! କିଭଳି ବୌଦ୍ଧିକତାପୂର୍ଣ୍ଣ ଢଙ୍ଗରେ ଆପଣ[ସ.ଅ] ପ୍ରଥମେ ସେହି ବିଳାପ ଏବଂ ରୋଦନ କରୁଥିବା ମହିଳାମାନଙ୍କର ମୁଖକୁ ନିଜର ଚଚା ହ. ହମ୍‌ଜା[ର.ଅ]ଙ୍କ ଆଡ଼କୁ କଲେ ଏବଂ ପୁନଶ୍ଚ ଯେତେବେଳେ ଆପଣ[ସ.ଅ] ବିଳାପ ଓ ରୋଦନ କରିବାକୁ ବାରଣ କଲେ ସେତେବେଳେ କହିଲେ ପୁରୁଷ ଉପରେ ରୋଦନ ଓ ବିଳାପ କରିବା ବର୍ଜନୀୟ ଓ ଅବୈଧ ଅଟେ ।

ଈଶ୍ୱର ଯାହାକୁ ମନୋନୀତ କରିଥାଆନ୍ତି କେବଳ ସେ ହିଁ ଭକ୍ତକୁ ମନୋନୀତ କରି ଥାଆନ୍ତି । ତାଙ୍କର ଅବତାର ଚୟନରେ କେବେହେଲେ କୌଣସି ତାରତମ୍ୟ ଓ ତ୍ରୁଟି ପରିଲକ୍ଷିତ ହୁଏ ନାହିଁ । ଦେଖ ! ନିଜର ମାନବ ଜାତି ପ୍ରତି କିଭଳି ଆଦର୍ଶ ବାଣୀ ପ୍ରଦାନକାରୀ ବ୍ୟକ୍ତିକୁ ଅଲ୍ଲାଃତାଲା ପ୍ରେରଣ କଲେ ଯେକି ମାନବିକ ସ୍ୱଭାବର ସୂକ୍ଷ୍ମ ଏବଂ ଗୂଢ ରହସ୍ୟ ଦ୍ୱାରା ଭଲ ଭାବରେ ପରିଚିତ ଥିଲା ଏବଂ ନିଜର ଦାସମାନଙ୍କର ଭାବାବେଗର କିଭଳି ସେ ଯତ୍ନ ନେଇ ଥାଆନ୍ତି ?

ଅତଏବ ଆଁହଜରତ[ସ.ଅ]ଙ୍କ ଏହି ସମସ୍ତ ଗୁଣାବଳୀ ଉପରେ ଯେତେବେଳେ ଦୃଷ୍ଟିପାତ କରାଯାଏ ସେତେବେଳେ ଶରୀର ମଧ୍ୟସ୍ଥ ହୃଦୟ ଆନ୍ଦୋଳିତ ହୁଏ ଓ ଆତ୍ମା ମନ୍ତ୍ରମୁଗ୍ଧ ହୋଇଯାଏ । ସହସା ମନ ମଧ୍ୟରେ ଏହି ସ୍ୱର ଉଙ୍କି ମାରେ ଯେ, ଆମମାନଙ୍କର ଧନ ଓ ଜୀବନ, ଆମମାନଙ୍କର ସନ୍ତାନସନ୍ତତି ଆପଣଙ୍କ ପାଦ ତଳେ ସମର୍ପିତ ଓ ଉତ୍ସର୍ଗ ହୋଇଯାଆନ୍ତୁ । ହେ ଈଶ୍ୱରଙ୍କର ବାର୍ତ୍ତାବହ ! ତୁମ୍ଭ ଉପରେ କୋଟି କୋଟି ଦୁରୁଦ୍, ଦୟା ଅବତୀର୍ଣ୍ଣ ହେଉ ଏବଂ ଶାନ୍ତି ଅବତୀର୍ଣ୍ଣ ହେଉ । ଶାନ୍ତି ଅବତୀର୍ଣ୍ଣ ହେଉ ସେହି ନବୀଙ୍କ ଉପରେ ଯାହାଙ୍କର ସୌନ୍ଦର୍ଯ୍ୟ ଏବଂ ପରୋପକାରର ସମୁଦ୍ରର କୌଣସି ତଟ ନଥିଲା ଏବଂ ତାହା ଅନନ୍ତ ଥିଲା । ହେ ପ୍ରଭୁଙ୍କ ବାର୍ତ୍ତାବହ ! ତୁମ୍ଭ ଉପରେ କୋଟି କୋଟି ଦୁରୁଦ୍ ଏବଂ ଶାନ୍ତି ଅବତୀର୍ଣ୍ଣ ହେଉ । ଆକାଶ, ପାତାଳର ଏକେଶ୍ୱରଙ୍କ ରାଣ ! ଭୂପୃଷ୍ଠରେ ତାହାଙ୍କ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ତୁମ୍ଭେ ହିଁ ସର୍ବୋତ୍ତମ ଏବଂ ତୁମ୍ଭେ ହିଁ ପୁରୁଷୋତ୍ତମ ଅଟ। ନା ତୁମ୍ଭ ପରି କେହି ଥିଲା ଓ ନା ତୁମ୍ଭ ପରି କେହି ହୋଇପାରିବେ !

**(ଖୁତ୍‌ବାତେ ତାହିରରୁ ଆନୀତ, ଖିଲାଫତ୍ ପୂର୍ବରୁ ଜଲ୍‌ସା ସାଲାନାରେ ପ୍ରଦତ୍ତ ଭାଷଣ, ସୟେଦିନା ହ. ଖଲିଫତୁଲ୍ ମସିହ୍‌ଉର୍ ରାବେ ର.ଅ, ପୃ-364-366), ତାହିର୍ ଫାଉଣ୍ଡେସନ-2006 ମସିହା)**

ହ. ହମ୍‌ଜା[ର.ଅ]ଙ୍କ ଚର୍ଚ୍ଚାରେ ଆଁହଜରତ[ସ.ଅ]ଙ୍କ ସେହି ଚର୍ଚ୍ଚା ହୋଇଗଲା ଯାହାକି ଉଲ୍ଲେଖଯୋଗ୍ୟ ଥିଲା । ଅତଏବ୍ ଏଠାରେ ତାଙ୍କର ଚର୍ଚ୍ଚା ସମାପ୍ତ ହେଲା।

ଆସନ୍ତା ଖୁତ୍‌ବାରେ ମୁଁ ଅନ୍ୟ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** କରିବି । ଖୁତ୍‌ବା ଶେଷରେ ହୁଜୁର ଅନ୍‌ୱର୍[ଅ.ବ] କହିଲେ ଆସନ୍ତା ରବିବାର ଦିନ **ଇନ୍‌ଶାଅଲ୍ଲାଃ** ନୂତନ ବର୍ଷ ପ୍ରାରମ୍ଭ ହେବାକୁ ଯାଉଛି । ଆପଣମାନେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ, ଏହି ନବବର୍ଷ ଆପଣମାନଙ୍କ ପାଇଁ କଲ୍ୟାଣ, ସୁଖ ସମୃଦ୍ଧିର ବର୍ଷ ସାବ୍ୟସ୍ତ ହେଉ ଏବଂ ଅଲ୍ଲାଃତାଲା ଆପଣମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ କଲ୍ୟାଣ ଏବଂ ସମୃଦ୍ଧି ପ୍ରଦାନ କରନ୍ତୁ । ସେହିପରି ଜମାଅତ୍ ପାଇଁ ମଧ୍ୟ ଏହି ନବବର୍ଷ କଲ୍ୟାଣମୟ ସାବ୍ୟସ୍ତ ହେଉ । ଅଲ୍ଲାଃତାଲା ଶତ୍ରୁ ପକ୍ଷର ସମସ୍ତ କୁଯୋଜନା ଓ ଷଡ଼ଯନ୍ତ୍ରକୁ ପଣ୍ଡ ଏବଂ ଧୂଳିସାତ୍ କରି ଦିଅନ୍ତୁ । ପୃଥିବୀ ବ୍ୟାପୀ ଜମାଅତ୍ ଅହେମଦିୟାର ଲୋକମାନଙ୍କୁ ଅଲ୍ଲାଃ ଅଲ୍ଲାଃତାଲା ପୂର୍ବାପେକ୍ଷା ଅଧିକ ନିଜ ଜୀବନ ତଥା ଜନ୍ମର ଉଦ୍ଦେଶ୍ୟକୁ ପୂର୍ଣ୍ଣକାରୀ ତଥା ସମ୍ପାଦନ କରିବାକୁ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 17-AUGUST 2023 Issue No.-33

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ସେହିପରି ସମଗ୍ର ସଂସାରବାସୀଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଯେ,ଅଲ୍ଲାଃତାଲା ପୃଥିବୀବାସୀଙ୍କୁ ଯୁଦ୍ଧ ଏବଂ ତହିଁରୁ ଜାତ ଭୟଙ୍କର ପରିଣାମରୁ ରକ୍ଷାକରନ୍ତୁ । ପରିସ୍ଥିତି ଗମ୍ଭୀରରୁ ଗମ୍ଭୀରତର ହେବାରେ ଲାଗିଛି ଏବଂ ବିନାଶ ନିଜର ମୁହଁ ପ୍ରଶସ୍ତ କରି ଚାଲିଛି । କିଛି ଜଣା ନାହିଁ କେତେବେଳେ କ'ଣ ଅଘଟଣ ଘଟିଯିବ । ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ପ୍ରାପ୍ତ କରିବାକୁ ଚାହୁଁଛି ଓ ତା' ପଛରେ ଧାଇଁଛି। ଅଲ୍ଲାଃତାଲା ସମସ୍ତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ନିଜର ଅତ୍ୟାଚାରିତ ଓ ନିଷ୍ପେଷିତ ଭାଇମାନଙ୍କ ପାଇଁ ମଧ୍ୟ ଅଧିକ ଦୁଆ କରନ୍ତୁ । ଯେପରି ଏହି ନୂତନ ବର୍ଷରେ ଅଲ୍ଲାଃତାଲା ଜମାଅତ୍ ଅହେମଦିୟାକୁ ପ୍ରତ୍ୟେକ ପ୍ରକାରର ଅନ୍ୟାୟ, ଅତ୍ୟାଚାରରୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ..

ଆସି ପଡ଼ିଗଲା । ମହୋଦୟ ଅତ୍ୟନ୍ତ ଦୁର୍ବଳ ସ୍ୱଭାବର ବ୍ୟକ୍ତି ଥିଲେ । ପୂରି ରହିଥିବା ଚାହା କପଟିକୁ ମହୋଦୟ ଯେତେବେଳେ ଫିଙ୍ଗିବାକୁ ଲାଗିଲେ ସେତେବେଳେ ମୌଲାନା କିଶୁଦ୍ଦୀନ ସାହେବ ତାଙ୍କୁ କହିଲେ, "ରୁହନ୍ତୁ ! ପ୍ରଥମେ ମୋର ଗୋଟେ କଥା ଶୁଣି ନିଅନ୍ତୁ" ମିଷ୍ଟର ଡେହକିକ୍ କହିଲେ ଯେ, କୁହନ୍ତୁ । ମୌଲାନା ସାହେବ କହିଲେ ଯେ, ଆଁହଜରତ[ସ.ଅ] କହିଛନ୍ତି ଯେ, ମାଛି ଯେତେବେଳେ କୌଣସି ପାନୀୟ ବସ୍ତୁରେ ପଡ଼ିଯାଏ ସେତେବେଳେ ତା'ର ଗୋଟିଏ ପର ବୁଡ଼ିଯାଇଥାଏ ଓ ଅପର ପରଟିକୁ ସେ ଉପରକୁ ଉଠାଇ ରଖିଥାଏ। କାରଣ ସେହି ଉପରକୁ ଉଠେଇ ରଖିଥିବା ପରରେ ବିଷନାଶକ (ପ୍ରତିଷେଧକ) ରହିଥାଏ ଏବଂ ଦ୍ୱିତୀୟ ଓଦା ପରଟିରେ ବିଷ ଥାଏ । ତେଣୁ ସମଗ୍ର ମାଛିକୁ ବୁଡ଼ାଇ ସେହି ବସ୍ତୁକୁ ପୁନଃ ବ୍ୟବହାର କରିନେବା ଉଚିତ । ବର୍ତ୍ତମାନ ହେଇ ଦେଖନ୍ତୁ ଆପଣଙ୍କ କପରେ ମାଛିଟିର ଗୋଟିଏ ପର ଉପର ମୁହାଁ ହୋଇ ରହିଛି ଓ ଦ୍ୱିତୀୟ ପରଟି ଚାହାରେ ବୁଡ଼ି ଯାଇଛି । ହେଇ ନିଅନ୍ତୁ ମୁଁ ସଂପୂର୍ଣ୍ଣ ମାଛିଟିକୁ ବୁଡ଼ାଇ ଦେଉଛି । ଏହା କହି ମୌଲାନା ସାହେବ ପ୍ରକୃତରେ ନିଜର ଆଙ୍ଗୁଠି ସାହାଯ୍ୟରେ ମାଛିଟିକୁ ଚାହା ପିଆଲା ଭିତରେ କେବଳ ବୁଡ଼ାଇ ଦେଲେ ନାହିଁ। ବରଂ ତା'ର ବିଷନାଶକ ପରର ମାଲିସ୍ ମଧ୍ୟ କଲେ ଏବଂ ତା'କୁ ଟିକିଏ ଚିପୁଡ଼ିଲେ ମଧ୍ୟ । ପୁନଶ୍ଚ ସେହି ମାଛିଟିକୁ କାଢି କହିଲେ ଯେ, ହେଇ ନିଅନ୍ତୁ ! ବର୍ତ୍ତମାନ ଏହି ଚାହାଟିକୁ ସଂପୂର୍ଣ୍ଣ ପାନ କରି ନିଅନ୍ତୁ । ମିଷ୍ଟର ଡେହକିକ୍ ଗୋଟିଏ କପ୍ ଚାହା ପାନ କରି ସାରିଥିଲେ । ଦ୍ୱିତୀୟ କପରେ ମାଛି ପଡ଼ିଯିବାରୁ ସେ ବହୁତ ଚିନ୍ତିତ ଥିଲେ । ବର୍ତ୍ତମାନ ଯେଉଁ ଖୈସାନ୍ଦାହ୍ (ପାଣିରେ ଭିଜାଇ ଯେଉଁ ଔଷଧକୁ ପାନ କରିବାକୁ ଦିଆଯାଏ) ଓ ଯୋଶାନ୍ଦା (କ୍ୱାଥ୍ ଅର୍ଥାତ ପାଣିରେ ନ ଭିଜାଇ ଯେଉଁ ଔଷଧକୁ ପାନ କରାଯାଏ) ପ୍ରସ୍ତୁତ ହୋଇଥିବାର ଅବଲୋକନ କଲି ଏବଂ ମୌଲାନା ସାହେବ ଚାହା କପ ମଧ୍ୟରେ ନିଜର ଆଙ୍ଗୁଠି ଧୋଇ ଦେଖିଲେ ତେବେ ସେ ଏହାକୁ ସହ୍ୟ କରିପାରିଲେ ନାହିଁ । ଉଠି ସିଧା ବାହାରକୁ ପଳାଇଲେ। କିନ୍ତୁ ଯାଉ ଯାଉ ସେ ମୌଲାନା କିଶୁଦ୍ଦୀନ୍ ସାହେବଙ୍କର ଏହି ଗୋଟିଏ ପଦ ଦୂରରୁ ଶୁଣିଲେ ଯେ, "ଏହି ଦୁଷ୍ଟାମ୍ମା ହଦିସଙ୍କୁ ମଧ୍ୟ ଖାତିର୍ କରନ୍ତି ନାହିଁ" । କିନ୍ତୁ ମିଷ୍ଟର ଡେହକିକ ନିଜର ବିପତ୍ତି (ଦ୍ୱନ୍ଦ୍ୱ) ତଥା ବ୍ୟଥାରେ ବ୍ୟଥିତ ଥିଲେ । ଘରୁ ବାହାରକୁ ଗଳିରେ ବାହାରିବା କ୍ଷଣି ସହସା ବମନ (ବାନ୍ତି) କରିଦେଲେ ଏବଂ ଯାହା କିଛି ଖାଇଥିଲେ ଓ ପାନ କରିଥିଲେ ସବୁ ବାହାର କରିଦେଲେ । ସଭାକୁ ଆସିବାକୁ ଆଉ ସକ୍ଷମ ହୋଇ ପାରିଲେ ନାହିଁ । ଅତଃ ସିଧା ଘରକୁ ଚାଲିଗଲେ । କିନ୍ତୁ ସେହି ଦ୍ୱନ୍ଦ୍ୱରେ ରହିଲେ ଯେ, ଏହି ମାଛିର କ'ଣ ସମସ୍ୟା ରହିଛି ? ମୁଁ ତ' ଆଁହଜର[ସ.ଅ]ଙ୍କ ପରି ପବିତ୍ର ତଥା ନିର୍ମଳ ବ୍ୟକ୍ତି ସଂକ୍ରାନ୍ତରେ ଏହା ଭାବି ପାରୁ ନାହିଁ ଯେ, ଆପଣ[ସ.ଅ] ଏପରି ଆଦେଶ ଦେଇପାରିବେ ? ଏହାର ପରିପ୍ରକାଶ ମୁଁ ଆଜି ସ୍ୱଚକ୍ଷୁରେ ଅବଲୋକୋନ କରି ନେଇଛି । ସେ ଯାହା ହେଉ ନା କାହିଁକି ଏହା ସମ୍ବନ୍ଧରେ ଅବଶ୍ୟ ଗବେଷଣା କରିବା ଉଚିତ ଯେ, ଏହି ପ୍ରସଙ୍ଗଟି କ'ଣ ?

ଦ୍ୱିତୀୟ ଦିନ ହେଲା ତେବେ ସେ ସାହିର ଏକ ମୌଲବୀ ଜାହିରୁଦ୍ଦୀନ ଖାନ୍ ସାହେବଙ୍କ ନିକଟକୁ ଗଲେ । ତାଙ୍କୁ ଏହି ସମସ୍ୟା ସଂକ୍ରାନ୍ତରେ ପ୍ରଶ୍ନ କଲେ ଓ ସଂପୂର୍ଣ୍ଣ ବୃତ୍ତାନ୍ତ ଶୁଣାଇଲେ ବା ସଂପୂର୍ଣ୍ଣ ଅବସ୍ଥା ଚକ୍ର ସଂପର୍କରେ କହିଲେ । ମୌଲବୀ ସାହେବ ନିଜର ଆଫଗାନୀୟ ଶୈଳୀରେ କହିଲେ ବଦୁରୁଶତିଏ ତମାମ୍ । ଅର୍ଥାତ ସଂପୂର୍ଣ୍ଣ ଠିକ୍ । ତୁମେ ଦୋଷ କରିଛ (ଦୋଷ ହେଉଛି ତୁମର) ଯେ, ତୁମେ ମାଛି ପଡ଼ିଯାଇଥିବା ଚାହାଟିକୁ ବାନ୍ତି କରି ସାରିବା ପରେ ପୁନଃ ପାନ କଲ ନାହିଁ ଏବଂ ଘୃଣା ଘୃଣା (ଛି ଛି ଓ ଥୁ ଥୁ) ବୋଲି କହୁଛ । ଆମମାନଙ୍କୁ ଆଁହଜରତ[ସ.ଅ]ଙ୍କ ହଦିସ ଉପରେ କାର୍ଯ୍ୟାନୁସରଣ କରିବା ଉଚିତ । ମୁଁ ଯଦି ସେହି ସ୍ଥାନରେ ଥାଆନ୍ତି ତେବେ ସେହି ମାଛିଟିକୁ ଚୁଚୁମି ନେଇ ଥାଆନ୍ତି ଓ ତା'ର ସମଗ୍ର ବିଷନାଶକ ଗୁଣକୁ କାଢି ନେଇଥାଆନ୍ତି । ଦେଖ ତୁମେ ଏହିଭଳି ବିକୃତ ମୁଖ ଭଙ୍ଗୀ କର ନାହିଁ । ଅନ୍ୟଥା ତୁମେ କାଫିର୍ (ଅବଜ୍ଞାକାରୀ) ହୋଇଯିବ । ତେଣୁ କ୍ଷମାଯାଚନା କର । ତୁମେ ଅଂହକାରୀ ବ୍ୟକ୍ତି ପରି ଜଣାପଡୁଛ । ଯେତେବେଳେ ମୌଲାନା କିଶୁଦ୍ଦୀନ୍ ସାହେବ ଆପଣଙ୍କୁ ହଦିସ୍ ଶୁଣାଇଥିଲେ ସେତେବେଳେ ଆପଣ କେମିତି ଜଣେ ମୁସଲମାନ ହୋଇ ରହିଥିଲ ଯେ, ଏହା ଉପରେ ତୁମେ କାର୍ଯ୍ୟାନୁସରଣ କଲ ନାହିଁ ?"

ଏହି କଥା ଶୁଣି ମିଷ୍ଟର ଡେହକିକ୍ ସାହେବ ଅପ୍ରସନ୍ନ ହୋଇ ସେଠାରୁ ଘରକୁ ଫେରି ଆସିଲେ । କିନ୍ତୁ ମାଛିର ପ୍ରସଙ୍ଗ ତାଙ୍କ ମନରେ ବରାବର ଉଙ୍କି ମାରୁଥିଲା। ତତ୍‌ସହିତ ଦୁଇ ମୌଲବୀମାନଙ୍କର ଧର୍ମାଜ୍ଞା ଓ ଆଚରଣ ଏପରି ଥିଲା ଯେ, ତୃତୀୟ ବ୍ୟକ୍ତିକୁ ପଚାରିବାକୁ ମଧ୍ୟ ସେ ଭୟ କରୁଥିଲେ ।

ଟି ପାର୍ଟି (ଚାହା ପାର୍ଟି)କୁ ଅନେକ ଦିନ ବିତି ଯାଇଥିଲା କି ପୁନଶ୍ଚ ମିଷ୍ଟର ଡେହକିକ୍‌ଙ୍କୁ ଏକ ଭୋଜିରେ ସାମିଲ୍ ହେବାକୁ ପଡ଼ିଥିଲା । ସେଠାରେ ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଖାଦ୍ୟାସନରେ ମୌଲବୀ ଫକିହୁଦ୍ଦୀନ୍ ଅହେମଦି ସାହେବ ବସିଥିଲେ । କଥାବାର୍ତ୍ତା କରୁ କରୁ ପୁନଶ୍ଚ ସେହି ଚାହାରେ ମାଛି ପଡ଼ି ଯାଇଥିବା ପ୍ରସଙ୍ଗଟି ମଝିରେ ଆସିଗଲା । ମିଷ୍ଟର ଡେହକିକ୍ କହିଲେ, ମୋ ବିଚାରର ଆପଣଙ୍କ ସଂପ୍ରଦାୟର ଲୋକମାନେ ଧର୍ମ ସଂକ୍ରାନ୍ତରେ ବହୁତ ଜ୍ଞାନ ରଖନ୍ତି। ଆପଣ ଯଦି ମୋତେ ଆପଣଙ୍କର ଚିନ୍ତାଧାରା ମାଧ୍ୟମରେ ମୋ ସମସ୍ୟାର ସମାଧାନ କରି ଦିଅନ୍ତି ତେବେ ମୁଁ ଚିରୋପକୃତ ହେବି । ମୌଲବୀ ଫକିହୁଦ୍ଦୀନ୍ ସାହେବ କହିଲେ, ମୁଁ ଏହି ପ୍ରସଙ୍ଗକୁ ନିଜସ୍ୱ ଢଙ୍ଗରେ ବର୍ଣ୍ଣନା କରି ଦେଉଛି । ଆପଣ ଯେତେବେଳେ ମୋର ସମସ୍ତ ଭାଷଣ ଶୁଣିନେବେ ସେତେବେଳେ ଆପଣଙ୍କର ଯାହା ଇଚ୍ଛା ଆପଣ ମୋ ସଂପର୍କରେ ରାୟ ଦେବେ ଓ ଆପଣଙ୍କୁ ଯଦି ଏହି ଉତ୍ତରରେ କୌଣସି ଆପତ୍ତି ଥାଏ ତେବେ ତାହାକୁ ଆପଣ ବର୍ଣ୍ଣନା କରନ୍ତୁ । କିନ୍ତୁ ସର୍ବ ପ୍ରଥମେ ସେହି ସମସ୍ୟା ସଂକ୍ରାନ୍ତରେ ମୋର ସବିଶେଷ ବିବରଣୀ ଶୁଣି ନିଅନ୍ତୁ । ଏହା କହି ମୌଲବୀ ସାହେବ ଏହିପରି ବର୍ଣ୍ଣନା ଆରମ୍ଭ କରିଦେଲେ:

ମୁଁ ଏହି ବିଶେଷ ସମସ୍ୟାକୁ ବର୍ଣ୍ଣନା କରିବା ପୂର୍ବରୁ ଗୋଟିଏ ଦୁଇଟି ଅତିରିକ୍ତ ସମସ୍ୟା ସଂପର୍କରେ କିଛି ବର୍ଣ୍ଣନା କରିଦେବା ଉଚିତ୍ ବୋଲି ମନେକରୁଛି । ଜଣେ ଧନୀକ ବ୍ୟକ୍ତି ତଥା ସଚ୍ଛ ସ୍ୱଭାବ, ବୁଦ୍ଧିମାନ ଓ ଚେତନାସମ୍ପନ୍ନ ମହିଳାଟିଏ ଅଟନ୍ତି। ତା'ର ଏକ ସନ୍ତାନଟିଏ ଅଛି ଓ ସନ୍ତାନ ନିମନ୍ତେ ଜଣେ ଚାକରାଣୀଟିଏ ମଧ୍ୟ ରହିଛି । ଦୈବାତ୍ ସନ୍ତାନଟି ମା ଉପରେ ପରିସ୍ରା କରିଦେଲା, ଯଦ୍ଦ୍ୱାରାକି ମା'ର ପାଇଜାମା ଓଦା ହୋଇଗଲା । ତେଣୁ ମା ନିଜର ସନ୍ତାନକୁ ଚାକରାଣୀକୁ ଦେଇ ପାଇଜାମା ଓହ୍ଲାଇ ସ୍ନାନ କଲା । ନୂଆ ବସ୍ତ୍ର ପରିଧାନ କଲା । ପୁନଶ୍ଚ ଏହାପରେ ଯେତେବେଳେ ନମାଜର ସମୟ ଆସିଗଲା ସେତେବେଳେ ମା ନମାଜ ପାଠ କଲା । ତା'ର ଜଣେ ସଂପର୍କୀୟ ମୌଲବୀ ସାହେବ ଏହି ଘଟଣାକୁ ଦେଖୁଥିଲେ।

(ଅବଶିଷ୍ଟାଂଶ........ପରବର୍ତ୍ତୀ ସଂଖ୍ୟାରେ) ☆ ☆ ☆

**ନବୀ ସ.ଅଙ୍କ ବାଣୀ:-**

**"ଇକ୍ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan